## ସଂକ୍ଷେପରେ

### ଜନସମ୍ପର୍କ ପଦଯାତ୍ରା



ବାହାନଗା,୨୮।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକର ୪ ପଞ୍ଚାୟତରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋର ବିଧାୟକ ପର୍ଶୁରାମ ଧଡା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଲୋକଙ୍କୁ ଅବଗତ କରାଇଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନା ବାବଦରେ ସେ ଆଲୋକ ପାତ କରି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ କଣ ପାଇଁ ରାଜ୍ୟ ସରକାର ସାମିଲ କରି ନାହାନ୍ତି ତାହା ବୁଝାଇ ଥିଲେ। ଏହି ପଦଯାତ୍ରା ତାଳକୁରୁଣିଆଁ ପଞ୍ଚାୟତରୁ ଆରମ୍ଭ ହୋଇଥିଲା। ପଦଯାତ୍ରୀ ଦଳ ଗୋପାଳପୁର ପଞ୍ଚାୟତର ଆପିତିରା ଓ କରଞ୍ଜାବିନ୍ଧା, ଫତେପୁର, ସାରଙ୍ଗପୁର, ଜୁଣିଆ ବଜାର ଦେଇ ପଣ୍ଡାଶୁଣି ପଞ୍ଚାୟତରେ ପଦଯାତ୍ରା କରିଥିଲେ। ବିଧାୟକ ଓ କର୍ମୀମାନେ ବାଇକ ଶୋଭାଯାତ୍ରାରେ ଯାଇଥିଲେ। ପରେ ନୂତନ ପଞ୍ଚାୟତ ଓଡଶାଳରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡଶାଳ ବାତ୍ୟା ଆଶ୍ରୟ ସ୍ଥଳୀରେ ସାଧାରଣ ସଭା ହୋଇଥିଲା। ପଦଯାତ୍ରାରେ ବିଜୟ କୁମାର ସାହୁ, ଅଶ୍ୱିନୀ ମହାପାତ୍ର, ଯୋଗେଶ ଚନ୍ଦ୍ର ପତି, ବ୍ଲକ ସଭାପତି ଅଜୟ କୁମାର ପଣ୍ଡା,ପଣ୍ଡାଶୁଣି ପଞ୍ଚାୟତର ସରପଞ୍ଚ ରିନା ବିନ୍ଧାଣି, ସୁକାନ୍ତ ବିନ୍ଧାଣି, ସମେତ ଓଡଶାଳ ପଞ୍ଚାୟତର ସରପଞ୍ଚ ଆରତୀ ଦଳେଇ, ସମିତିସଭ୍ୟା ମଞ୍ଜୁଲତା ସେଠୀ, ରଘୁନାଥ ବିଶ୍ୱାଳ, ଶ୍ୟାମ ସୁନ୍ଦର ବାରିକ୍, ଅନିରୁଦ୍ଧ ବାରିକ୍ ପ୍ରମୁଖ ଯୋଗ ଦେଇ ଥିଲେ।

# ମଦବିରୋଧୀ ମହିଳାଙ୍କୁ ଆକ୍ରମଣ

ବାହାନଗା,୨୮।୧୦(ଡି.ଏନ.ଏ.)



- ଅଭଣା ହାଟରେ ମଦ ବିକ୍ରିକୁ ବିରୋଧ ବେଳେ ଗଣ୍ଡଗୋଳ
- ରାତିରେ ରାସ୍ତାରୋକୋ କଲେ ଉତ୍ୟକ୍ତ ମହିଳା
- ଥାନାରେ ମଦ ବେପାରୀଙ୍କ ବିରୋଧରେ ମାମଲା

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ହାଟରେ ଚୋରା ଦେଶୀମଦ ବିକ୍ରିକୁ ବିରୋଧ ନେଇ ଶନିବାର ରାତିରେ ତୁମୁଳ ଗଣ୍ଡଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଥିଲା। ମଦ ବିରୋଧୀ ଆନ୍ଦୋଳନ ଚଳାଇଥିବା ୨ଜଣ ମହିଳାଙ୍କ ଉପରେ ଆକ୍ରମଣ ହେବାରୁ ବହୁ ସଂଖ୍ୟାରେ ମହିଳା ରାସ୍ତାକୁ ଓହ୍ଲାଇ ଆସିଥିଲେ। ସେମାନେ ରାତିରେ ଅଭଣା ହାଟ ସଂଲଗ୍ନ ରାସ୍ତାରେ ଟାୟାର ଜାଳି ଦୀର୍ଘ ସମୟ ଅବରୋଧ କରିଥିଲେ। ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଦୟାନିଧି ମାଝୀ ଓ ଅନ୍ୟ ଜନ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ରହିଛି। ଆକ୍ରମଣ ଘଟଣା ନେଇ ଅଭିଯୋଗ ପାଇବା ପରେ ସୋର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭଣା ପଞ୍ଚାୟତ ଓ ଏହା ଆଖପାଖ ଅଞ୍ଚଳରେ ୧୦ରୁ ଅଧିକ ସ୍ୱୟଂସହାୟିକା ମହିଳା ଗୋଷ୍ଠୀ ସଂଗଠିତ ହୋଇ ମଦବିରୋଧରେ ଦୀର୍ଘଦିନ ଧରି ଆନ୍ଦୋଳନ କରିଆସୁଛନ୍ତି। ପୋଲିସ ଓ ପ୍ରଶାସନର ଉଦାସୀନତା ଯୋଗୁ ଚୋରା ମଦ କାରବାର ଥମିବାର ନା ଧରୁ ନାହିଁ। ଗତ ୪ ଦିନ ତଳେ ଆନ୍ଦୋଳନକାରୀ ମହିଳାମାନେ ଚୋରା ମଦ ବିକ୍ରି କରୁଥିବା ବେପାରୀଙ୍କୁ ଗାଁରେ ମଦ ବିକ୍ରି କରିବାକୁ ବାରଣ କରିଥିଲେ। ମଦ ବେପାରୀମାନେ ଏହାକୁ ଖାତିର କରି ନ ଥିଲେ। ଶନିବାର ଅଭଣା ହାଟରେ ସେମାନେ ଖୋଲାଖୋଲି ମଦ ବିକ୍ରି କରିଥିଲେ। ସ୍ଥାନୀୟ ଗ୍ରାମର ଜଣେ ବେପାରୀ ସେଠାରେ ଚୋରା ଦେଶୀ ମଦ ବିକ୍ରି କରୁ ଥିବା ଦେଖି ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା କମଳାମଣି ମାଝୀ ଓ ଶାନ୍ତିଲତା ମାଝୀ ବିରୋଧ କରବାରୁ ବଚସା ହେଇଥିଲା। ଏହାପରେ ସମ୍ପୃକ୍ତ ମଦବେପାରୀ ଓ ତାଙ୍କ ବାପା ମିଶି ଏହି ଦୁଇ ମହିଳାଙ୍କୁ ମାଡ ମାରି ଲହୁଲୁହାଣ କରିପକାଇ ଥିଲେ। ଖବର ପ୍ରଚାରିତ ହେବା ପରେ ଅନ୍ୟ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ପହଞ୍ଚି ଏଭଳି ଆକ୍ରମଣକୁ ବିରୋଧ କରିବା ସହିତ ଉଚିତ କାର୍ଯ୍ୟାନୁଷ୍ଠାନ ଦାବି କରି ଅଭଣା ହାଟ ପାଖ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଶାନ୍ତିଲତା ମାଝୀ, ମେଦିନ ମାଝୀ, ଜେମା ମାଝୀ, ଶୁକୁଟି ମାଝୀ, ଜଞ୍ଜାଳୀ ମାଝୀ, ଜାଡି ମାଝୀ, ମାଧବ ମାଝୀ, କଟି ମାଝୀ, ନିର୍ମଳା ମାଝୀଙ୍କ ସମେତ ରମାକାନ୍ତ ମାଝୀ, ଗିରିଜା ମାଝୀ, ଅଜୟ ମାଝୀ, କମଳ ଲୋଚନ ମାଝୀ, ଦଃସମନ୍ତ ପଣ୍ଡା ପ୍ରମୁଖ ରାସ୍ତା ଅବରୋଧ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପଞ୍ଚାୟତ ଓ ଏହା ଆଖପାଖରେ ଚୋରା ଦେଶୀ ମଦ ବିକ୍ରି ବନ୍ଦ ଏବଂ ମଦବିରୋଧୀ ମହିଳାଙ୍କୁ ଆକ୍ରମଣ କରିଥିବା ବେପାରୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅଭଣା ସରପଞ୍ଚ ଓ ଅନ୍ୟ ଲୋକ ପ୍ରତିନିଧି ସେମାନଙ୍କୁ ବୁଝାଶୁଝା କରି ଆଇନ୍‌ରେ ଆଶ୍ରୟ ନେବାପାଇଁ କହିବାରୁ ରାସ୍ତା ଅବରୋଧ ହଟିଥିଲା। ମଦ ବେପାରୀଙ୍କ ଆକ୍ରମଣରେ ଆହତ ହୋଇଥିବା କମଳାମଣି ମାଝୀ ଏନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା କହିଛି।



ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଛାତ୍ରୀ।

# ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ବାଲେଶ୍ୱର ଅଫିସ,୨୮।୧୦

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ନଗର ତରଫରୁ ସ୍ଥାନୀୟ ପରମିଟ୍ ପଡ଼ିଆରେ ରବିବାର ପୂର୍ବାହ୍ନ ୭ଟାରୁ ୧୦ଟା ପର୍ଯ୍ୟନ୍ତ ନାରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଲେଶ୍ୱର ନଗରର ବିଭିନ୍ନ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟରୁ ଛାତ୍ରୀମାନେ ଯୋଗଦେଇଥିଲେ। ବିଶେଷ କରି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ, ମହିଳା ଡିଗ୍ରୀ କଲେଜ, ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ, ବାଲେଶ୍ୱର ଜିଲା ସ୍କୁଲ, ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ବାରବାଟୀ ବାଳିକା ବିଦ୍ୟାଳୟରୁ ବହୁ ଛାତ୍ରୀ ଶିବିରରେ ଯୋଗଦାନ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରର ଜିଲାସ୍ତରୀୟ ପ୍ରଦର୍ଶନ ପରମିଟ୍ ପଡ଼ିଆରେ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ।

ଏହା ଏକ ସର୍ବଭାରତୀୟ କାର୍ଯ୍ୟକ୍ରମ। ସାରା ଭାରତରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀ ଏଥିରେ ଭାଗନେବେ ଓ ଏହାକୁ ଗିନିଜ ବୁକ୍ ରେକର୍ଡ଼ କରିବା ପାଇଁ ବିଦ୍ୟାର୍ଥୀ ପରିଷଦ ଆଶାୟୀ। ବାଲେଶ୍ୱର ଜିଲାରେ ଜିଲା ସଂଯୋଜିକା ଶିଲ୍ପା ମାଇତି ଓ ସହ ସଂଯୋଜିକା ପୂର୍ଣ୍ଣିମା ବାରିକ ନେତୃତ୍ୱ ନେଉଥିବା ବେଳେ ଏଲିସା ଦାସ, ସୌମ୍ୟାସ୍ୱରୂପା ଦାସ, ପ୍ରିୟଙ୍କା ପାତ୍ର, ଅନନ୍ୟା ପରିଡ଼ା, ଆଦ୍ୟାଶା ଜେନା, ଅଲିଭା ମିଶ୍ର ତାଙ୍କୁ ପୂର୍ଣ୍ଣ ସହଯୋଗ କରିବା ସହ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଛନ୍ତି।

# କରମ ମହୋତ୍ସବ ଉଦ୍‌ଘାଟିତ

ନୀଳଗିରି/ସଜନାଗଡ଼, ୨୮।୧୦ (ଡି.ଏନ.ଏ.)

ନୀଳଗିରି ବ୍ଲକ ଅଧୀନ ମହିଷାପଟା ପଞ୍ଚାୟତର ହାତୀଆଶିଳା ଗାଁରେ ୩ଦିନ ଧରି ଚାଲିଥିବା ମୁଣ୍ଡାରୀ ସମାଜର ୫ମ ବାର୍ଷିକ କରମ୍ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥିଭାବେ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା, ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ସଂଗଠନର ରାଜ୍ୟ ସଭାପତି ରାମଚନ୍ଦ୍ର ସିଂ, ସମ୍ମାନିତ ଅତିଥି କେନ୍ଦ୍ର ସଭାପତି ଏତଆ ମୁଣ୍ଡା, ସମେତ ରାଜ୍ୟ ତଥା ପଶ୍ଚିମବଙ୍ଗ ଓ ଝାଡଖଣ୍ଡରୁ ଆସିଥିବା ନିମନ୍ତ୍ରିତ ଅତିଥି ଯୋଗ ଦେଇ ମୁଣ୍ଡାରୀ ସମାଜର ଓ ରହିଥିବା ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମୁଣ୍ଡାରୀମାନେ ମୂଳ ଭାରତୀୟ ହୋଇଥିଲେ ହେଁ ସେମାନଙ୍କର ହୋ'ଭାଷାକୁ ରଜ୍ୟସରକାର ଅନୁମୋଦନ କରିଥିବାବେଳେ କେନ୍ଦ୍ର ସ୍ୱୀକୃତି ପ୍ରଦାନ କରୁ ନ ଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ମୁଣ୍ଡାରୀ ସମ୍ପ୍ରଦାୟ ଭିତରୁ ବହୁ ଜାତି ସାଧାରଣ ବର୍ଗ ହୋଇ ଯାଇଥିବାରୁ ସରକାରୀ ସୁବିଧା ପାଇ ପାରୁନାହାନ୍ତି। ବାଦ ପଡିଥିବା ଜାତିକୁ ସଂଶୋଧନ କରି ମୂଳ ଜାତି କରାଇବା ପାଇଁ ଦାବି କରୁଛନ୍ତି। ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦେଖିବା ଲାଗି ସ୍ଥାନୀୟ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଲୋକ ଯୋଗ ଦେଇଥିଲେ। ପୂର୍ବତନ ସରପଞ୍ଚ ଗୋଲକ ଚନ୍ଦ୍ର ସିଂ ସମେତ ସ୍ଥାନୀୟ ଅଞ୍ଚଳର ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ନଦୀରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

ରେମୁଣା,୨୮।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତରେ ହଳଦିଆ ଗ୍ରାମର ଦାମ ସିଂଙ୍କ ସ୍ତ୍ରୀ ନାଉରି (୫୮) ଶନିବାର ଅପରାହ୍ନ ୫ଟାରେ ବୁଢ଼ାବଳଙ୍ଗ ନଦୀର ହଳଦିଆ ଘାଟରେ ଶୌଚ ସମୟରେ ଗୋଡ଼ ଖସିଯିବାରୁ ପ୍ରବଳ ସ୍ରୋତରେ ନଦୀ ଭିତରକୁ ଭାସି ଯାଇଥିଲେ। କିଛି ସମୟ ପରେ ଉପସ୍ଥିତ ଗ୍ରାମବାସୀ ତାଙ୍କୁ ନଦୀ ପାଣିରୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯୁବ ପ୍ରତିଭା ଚିହ୍ନଟ ମୂଳ ଲକ୍ଷ୍ୟ

ବାଲିଆପାଳ,୨୮।୧୦(ଡି.ଏନ.ଏ.)

ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖ ଓ ଅଳାଡିହା ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା ଅନୁଷ୍ଠିତ ହୋଇଯାଇଛି। ଚଉମୁଖଠାରେ ଯୁବ ସାମାଜିକକର୍ମୀ ସୁଶାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ବେଣୁଧର ଜେନା, ଯୁବବାହିନୀର ସଂଯୋଜିକା ଶୁଭଲକ୍ଷ୍ମୀ ମହାକୁଡ, ସାଂସଦ ପ୍ରତିନିଧି ଶଶଧର ପ୍ରଧାନ, ବିଜେଡି ବ୍ଲକ ସଭାପତି ଚକ୍ରଧର ଗିରି, ପୂର୍ବତନ ସରପଞ୍ଚ କମଳଲୋଚନ କର ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ଯୁବ ପ୍ରତିଭା ମାନଙ୍କୁ ଚିହ୍ନଟି କରି ଆଗକୁ ଆଣିବା ଓ ସେମାନଙ୍କୁ ସମାଜସେବା କ୍ଷେତ୍ରରେ ନିୟୋଜିତ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।

DSPL-227
OSDMA
ଓଡ଼ିଶାର ବିପର୍ଯ୍ୟୟ ପ୍ରାକ୍ ସୂଚନା ବ୍ୟବସ୍ଥା କ୍ଷେତ୍ରରେ ଏକ ଅଭିନବ ପ୍ରୟାସ
ଓଡ଼ିଶା ସରକାର




ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ବିପର୍ଯ୍ୟୟ ପ୍ରାକ୍ ସୂଚନା ପ୍ରଦାନ ବ୍ୟବସ୍ଥାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ
ତାରିଖ:୨୯ ଅକ୍ଟୋବର, ୨୦୧୮ | ସ୍ଥାନ: ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
ସଚେତନତା ଓ ସତର୍କତା ହିଁ ସୁରକ୍ଷା
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

## ସଂକ୍ଷେପରେ

### ଜାନୁୟାରୀ ୧୪ରୁ ଉଗରା ବେଳାଭୂମି ମହୋତ୍ସବ

**ବାଲିଆପାଳ,୨୮।୧୦(ଡି.ଏନ.ଏ.):** ଆସନ୍ତା ଜାନୟାରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ତମ ଉଗରା ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ବାଲିଆପାଳ ବ୍ଲକ ଛକ ଏସକେଜି ପାଠାଗାର ପରିସରରେ ଏକ ପ୍ରସ୍ତୁତି ବୈଠିକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୧୮ ବେଳାଭୂମି ମହୋତ୍ସବର ସମସ୍ତ ହିସାବପତ୍ରକୁ ଯାଞ୍ଚ କରାଯାଇଥିଲା। ଚଳିତବର୍ଷ ମହୋତ୍ସବ ପାଇଁ ପ୍ରସ୍ତୁତ ବଜେଟ ଗୃହୀତ ହୋଇଥିଲା। ପର୍ଯ୍ୟଟକଙ୍କୁ ଆକଷ୍ଟ କରିବା ଲାଗି ଆୟୋଜିତ ଏହି ମହୋତ୍ସବକୁ ଏଥର ଅଧିକ ଆର୍ଷଣୀୟ କରିବା ସକାଶେ ସ୍ଥିର କରାଯାଇଛି। ମହୋତ୍ସବ ଅବସରରେ ମୀନାବଜାର, ନାଗରଦୋଳି, କବାଡି ଓ ନୃତ୍ୟଗୀତ ପ୍ରତିଯୋଗିତା ସାଙ୍ଗକୁ କଳାକାର ସମାବେଶ,ସାହିତ୍ୟ ସଭା,ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସମାବେଶ, ରକ୍ତଦାନ ଶିବିର, ଆତସବାଜି, ସାଂସ୍କୃତିକ କାର୍ଯ୍ୟକ୍ରମ,ସିନେ ତାରକାଙ୍କ ସମାବେଶ ଆଦି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଉତ୍ସବ କମିଟି ସଭାପତି ସୁକାନ୍ତ ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରେସ କ୍ଲବ ସଭାପତି ପ୍ରଫୁଲ କୁମାର ପାତ୍ର, ସଂପାଦକ ସୁବଳଚନ୍ଦ୍ର ଦାସ, ରବିରଞ୍ଜନ ତ୍ରିପାଠୀ, ତାରାକାନ୍ତ ଜେନା,ଆଇନଜିବୀ ଅର୍ଦ୍ଧେନ୍ଦୁ ବାରିକ, ପ୍ରଣବ ସାହୁ, ଅମରେନ୍ଦ୍ରେ ଦାସ,ଗୋପନାରାୟଣ ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ବିଦ୍ୟାଳୟସ୍ତରୀୟ ସମୂହ ବେଦପାଠ



**ବାହାନଗା,୨୮।୧୦(ଡି.ଏନ.ଏ.):** ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବାଲେଶ୍ୱର ଜିଲା ସତ୍ୟସାଇ ସେବା ସଂଗଠନ ଦ୍ୱାରା ଆୟୋଜିତ ବିଦ୍ୟାଳୟ ସ୍ତରୀୟ ସମୂହ ବେଦପାଠ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସମେତ ମୟୂରଭଞ୍ଜ ଜିଲା ଓ ଭଦ୍ରକ ଜିଲାର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଜ୍ୟୋତି ଆବହନ କରି ଉଦ୍‌ଘାଟନ କରିଥିଲେ ରାଜ୍ୟ ସତ୍ୟସାଇ ସେବା ସଂଗଠନର ସଭାପତି ନାରାୟଣ ପ୍ରସାଦଙ୍କ ସଭାପତିତ୍ୱରେ ଜିଲା ସଭାପତି ଡଃ ରମାକାନ୍ତ ନାୟକଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମ ବାବଦରେ ଜିଲା ବେଦ ସଂଯୋଜକ ବିଭୂଦତ୍ତ ପାତ୍ର ସମ୍ପର୍କୀତ ସୂଚନା ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମୂହ ବେଦପାଠ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଜିଲା ସଭାପତି ଡଃ ରମାକାନ୍ତ ନାୟକ, ଜିଲା ଆଧାତ୍ମିକ ସଂଯୋଜକ କ୍ଷୀରୋଦ କୁମାର ନାୟକ , ଜିଲା ବେଦ ସଂଯୋଜକ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ଜିଲା ସଭାପତି ରମାକାନ୍ତ ନାୟକ ସମତେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ସମେତ ମାନ୍ୟଗଣ ବ୍ୟକ୍ତି ମାନେ ଉପସ୍ଥିତ ରହି ବକ୍ତବ୍ୟ ମାନ ପ୍ରଦାନ କରିଥିଲେ।

### ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



**ବାଲେଶ୍ୱର ଅଫିସ,୨୮।୧୦:** ବାଲେଶ୍ୱର ସହରରେ ସ୍ୱଚ୍ଛତା ଓ ପରିମଳର ସୁବ୍ୟବସ୍ଥା ପାଇଁ ମ୍ୟୁନିସିପାଲିଟିର ୪୦ଜଣ ସଫେଇ କର୍ମଚାରୀଙ୍କୁ ରବିବାର ଅପରାହ୍ନରେ ସମ୍ବର୍ଦ୍ଧିତ କରାଯାଇଛି। ସହରର ରୋଟାରୀ କ୍ଲବ ତରଫରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର କିଟ୍ ବିତରଣ କରିଥିଲେ। କିଟ୍‌ରେ ବାଲ୍‌ତି, କମ୍ବଳ, ଶାଢ଼ି, ଲୁଙ୍ଗି, ସାବୁନ, ଅଳତା, ମଶାରୀ, ମଗ, ପାନିଆ, ଗ୍ଲାସ, ବିସ୍କୁଟ, ନେଲକଟର ଇତ୍ୟାଦି ଦିଆଯାଇ ସେମାନଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ସଭାରେ ବରିଷ୍ଠ ରୋଟାରିଆନ ସୁବ୍ରତ କର, ଉଦୟ ରଞ୍ଜନ ଦାସ, ଭି. ଉଦୟ କୁମାର, ବିଶ୍ୱଦୀପ ପଣ୍ଡା, ସୁଖମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛତାର ଏକ ନିଆରା ନଜିର

**ବାଲେଶ୍ୱର ଅଫିସ, ୨୮।୧୦**

ଜନସାଧାରଣଙ୍କ ସୁବିଧା ଲାଗି ସହରର ବିଭିନ୍ନ ସ୍ଥାନରେ ସରକାରଙ୍କ ତରଫରୁ ଶୌଚାଳୟ ଖୋଲାଯାଉଛି। ହେଲେ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନାହିଁ । କିନ୍ତୁ ବାଲେଶ୍ୱର ଜିଲା ନୀଳଗିରି ବିଜ୍ଞାପିତ ଅଞ୍ଚଳସ୍ଥିତ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ସୁଲଭ ଶୌଚାଳୟ ଏକ ବ୍ୟତିକ୍ରମ। ସେଠାରେ ସ୍ୱଚ୍ଛତା ରକ୍ଷା ସାଙ୍ଗକୁ ବିଭିନ୍ନ ସୁବ୍ୟବସ୍ଥା କରାଯାଇ ଏହାକୁ ଏକ ଆଦର୍ଶ ଶୌଚାଳୟ ଭାବେ ପରିଚାଳନା କରାଯାଉଛି। ବିଭିନ୍ନ ଖବର ଜାଣିବା ସକାଶେ ଲଗାଯାଇଛି ଟିଭି। ୨୪ ଘଣ୍ଟିଆ ନ୍ୟୁଜ୍ ଚ୍ୟାନେଲ ବ୍ୟବସ୍ଥା ହୋଇଛି। ଏଲ୍‌ଇଡ଼ି ଲାଇଟ୍ ସାଙ୍ଗକୁ ଫୁଲର ସଜାଣି, ବିଦ୍ୟୁତ୍ ଚାଳିତ ପଙ୍ଖା ଲାଗିଛି । ସ୍ନାନାଦି କର୍ମ କରିବା ଲାଗି ଲୋକଙ୍କ ବ୍ୟବହାର ସକାଶେ ଶାଢ଼ି, ଗାମୁଛା, ଚପଲ, ଦାନ୍ତକାଠି,



ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ନରେନ୍ଦ୍ର ପ୍ରଧାନ।

ପେଷ୍ଟ, ନଡ଼ିଆ ତେଲ, ସାବୁନ, ସାମ୍ପୋ, ଗରମପାଣି, ଅମୃତାଞ୍ଜନ ଭଳି ସାମଗ୍ରୀ ରଖାଯାଇଛି। ପ୍ରତି ୨ଘଣ୍ଟାରେ ଫିନାଇଲ୍ ପକାଯାଇ ଶୌଚାଳୟକୁ ସଫା କରାଯିବା ସହ ରୁମ୍ ଫ୍ରେସ୍‌ନର ସ୍ପ୍ରେ କରାଯାଉଛି। ଉକ୍ତ ଶୌଚାଳୟ ବ୍ୟବହାର ଲାଗି ୫ଟଙ୍କା ଦେୟ ଦେବାକୁ ପଡୁଛି। ପ୍ରତିଦିନ ଏହି ଶୌଚାଳୟକୁ ୨୦ରୁ ୩୦ ସ୍ଥାନୀୟ ଲୋକ ବ୍ୟବହାର କରୁଥିବା ବେଳେ ବହୁ ବହିରାଗତ ପର୍ଯ୍ୟଟକ ମଧ୍ୟ ଆସୁଛନ୍ତି।

ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୫ଲକ୍ଷ ଅଟ୍ଟକଳରେ ନିର୍ମିତ ଏହି ସୁଲଭ ଶୌଚାଳୟକୁ ଗତ ୨୦୧୭ ଜୁନ ୨୫ ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ, ପୂର୍ବତନ ଉପାଧ୍ୟକ୍ଷ କମଳାମଣି ପରିଡ଼ା ଆୟୋଜିତ ଉତ୍ସବରେ ଯୋଗ ଦେଇ ଏହାକୁ ଲୋକାର୍ପିତ କରିଥିଲେ। ନିକଟସ୍ଥ ହନୁମାନ ମଠକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସରକାରଙ୍କ ତରଫରୁ ଶୌଚାଳୟରେ କେବଳ ପାଣି ଏବଂ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଥିଲା। ଉକ୍ତ ମଠର ନରେନ୍ଦ୍ର ପ୍ରଧାନ ନାମକ ଜଣେ କର୍ମଚାରୀ ପରିଚାଳନା କାର୍ଯ୍ୟ ତୁଲାଇ ଏହାକୁ ଆଦର୍ଶ ଶୌଚାଳୟରେ ପରିଣତ କରି ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ଏ ସମ୍ପର୍କରେ ନରେନ୍ଦ୍ର କହନ୍ତି, ଶୌଚାଳୟରେ ସ୍ୱଚ୍ଛତା ରକ୍ଷା କରାଯାଉ ଥିବାରୁ ଲୋକ ଏହାକୁ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। ଗତ ରଥଯାତ୍ରା ବେଳେ ଏଠାରେ ବହୁ ଭିଡ ହୋଇଥିଲା। ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କ ତରଫରୁ ସେମିତି କୌଣସି ସହାୟତା ମିଳୁ ନାହିଁ। 'ମାନବ ସେବା ମାଧବ ସେବା' ବୋଲି ଭାବି ସେ କାର୍ଯ୍ୟ କରିଆସୁଛନ୍ତି। ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ମହଲା କହିଛନ୍ତି, ନୀଳଗିରି ସହରରେ ଦୀର୍ଘଦିନ ଧରି ଶୌଚାଳୟ ବ୍ୟବସ୍ଥା ନ ଥିଲା। ଗତବର୍ଷ ନିର୍ମିତ ଏହି ଶୌଚାଳୟର ନିଆରା ସ୍ୱଚ୍ଛତା ଏବଂ ଉତ୍ତମ ବ୍ୟବସ୍ଥା ଅନ୍ୟମାନଙ୍କ ଲାଗି ଅନୁକରଣୀୟ ହୋଇପାରିଛି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।










@ ପିଙ୍କୁ



@ ପ୍ରକାଶ



@ ସୁରଜ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ନନ୍ଦନକାନନରୁ ବୃଦ୍ଧ ନିଖୋଜ

**ବାରଙ୍ଗ,୨୮।୧୦(ଡି.ଏନ୍.ଏ.)**

**୭ ଦିନ ପରେ ବି ମିଳୁନି ପତ୍ତା**

**■ ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ**

ଗତ ୨୧ତାରିଖରେ ପରିବାର ସହ ନନ୍ଦନକାନନ ବୁଲିବାକୁ ଆସି ଜଣେ ବୃଦ୍ଧ ଏଠାରୁ ନିଖୋଜ ହୋଇଯାଇଛନ୍ତି। ଘଟଣାକୁ ୭ଦିନ ବିତିଯାଇଥିଲେ ସୁଦ୍ଧା ବୃଦ୍ଧଙ୍କର କୌଣସି ପତ୍ତା ମିଳିପାରିନାହିଁ। ସେପଟେ ତାଙ୍କ ପରିବାର ଲୋକ ଏ ନେଇ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ କେବଳ ଏକ ନିଖୋଜ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି, ଯାହାକୁ ନେଇ ଏବେ ନନ୍ଦନକାନନ ଆଖପାଖ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ମିଳିଥିବା ସୂଚନାନୁଯାୟୀ, ବାଲିଆପାଳ ଥାନା ଅଧୀନ ଦାନ୍ତୁଣିଦା ଗ୍ରାମର ଅନନ୍ତ ସାମଲ(୫୮) ସପରିବାର ଦଶହରା ବୁଲିବାକୁ ଭୁବନେଶ୍ୱର ଆସିଥିଲେ। ସେମାନେ ଚନ୍ଦ୍ରଶେଖରପୁର ଥାନା ଅଧୀନ ନୀଳାଦ୍ରି ବିହାରରେ ରହୁଥିବା ତାଙ୍କ ସାନସଡୁ ଅରୁଣ ଦେବଙ୍କ ଘରେ ରହିଥିଲେ। ଦଶହରା ଭସାଣି ଦେଖିସାରିବା ପରେ ଗତ ୨୧ତାରିଖ ରବିବାର ସଡୁଙ୍କ ପରିବାର ସହ ମିଶି ନନ୍ଦନକାନନ ବୁଲିବାକୁ ଯାଇଥିଲେ। ପୂର୍ବାହ୍ନରେ ସମସ୍ତେ ସରୀସୃପ ଉଦ୍ୟାନ ପାଖରେ ବିଶ୍ରାମ ନେଉଥିଲେ। କିଛି ସମୟ ପରେ ଅନନ୍ତଙ୍କୁ ଛାଡ଼ି ତାଙ୍କ ସ୍ତ୍ରୀ କନକ, ବୋହୂ ସଞ୍ଜୁ ଓ ଅନ୍ୟମାନେ ପାଖରେ ଥିବା ଶୌଚାଳୟକୁ ଯାଇଥିଲେ। ଶୌଚାଳୟରୁ ଆସିବା ପରେ ଅନନ୍ତ ନ ଥିବା ଦେଖି ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଫଳରେ କେହି ଆଉ ନନ୍ଦନକାନନ ନ ବୁଲି ପ୍ରବେଶ ପଥ ଆଡ଼େ ଆସି ସେଠାରେ ଉପସ୍ଥିତ କର୍ମଚାରୀଙ୍କୁ ଅନନ୍ତଙ୍କ ନିଖୋଜ ବିଷୟରେ ଜଣାଇଥିଲେ। ହେଲେ କର୍ମଚାରୀ ଜଣକ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଏହାପରେ କିଛି ଦୂରରେ ଥିବା ପର୍ଯ୍ୟଟନ ପୋଲିସକୁ ଘଟଣା ସମ୍ପର୍କରେ କହିବା ପରେ ପୋଲିସ ସେମାନଙ୍କୁ ଥାନାରେ ଅଭିଯୋଗ କରିବାକୁ କହି ଚୁପ୍ ହୋଇଯାଇଥିଲା। ଅନନ୍ତଙ୍କ ସାନସଡୁ ଅରୁଣ ଦେବଙ୍କୁ ଘଟଣା ବିଷୟରେ କହିବା ପରେ ସେ ନନ୍ଦନକାନନ ଥାନାକୁ ଯାଇ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୨/୧୮)ରୁଜୁ କରିବା ସହ ନିଖୋଜ ଅନନ୍ତଙ୍କ ଫଟୋକୁ ସବୁ ଥାନାକୁ ପଠାଇଥିଲା। ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅନନ୍ତଙ୍କୁ ଖୋଜି ପାଇନାହିଁ। ଅନ୍ୟପକ୍ଷେ ନନ୍ଦନକାନନ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ରେଞ୍ଜର ମନୋରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନ ଥିବା କହିଛନ୍ତି। ପର୍ଯ୍ୟଟକଙ୍କ ଗତିବିଧିକୁ ଅନୁଧ୍ୟାନ କରିବା ପାଇଁ ନନ୍ଦନକାନନ ପରିସରରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ସୁରକ୍ଷା କର୍ମୀ ଓ ପର୍ଯ୍ୟଟନ ଥାନା ପୋଲିସ ମୁତୟନ ରହିଛନ୍ତି। ଏପରି କି, ଟିକେଟ ଯାଞ୍ଚ ଫାଟକରେ କର୍ମଚାରୀ ଉପସ୍ଥିତ ଅଛନ୍ତି। ଏହାସତ୍ତ୍ୱେ ପର୍ଯ୍ୟଟକ କିଭଳି ନିଖୋଜ ହୋଇଯାଉଛନ୍ତି ଏବଂ ପୋଲିସ ସେମାନଙ୍କର ପତ୍ତା ପାଉନି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣା ବିଷୟରେ ମୁଁ ବର୍ତ୍ତମାନ ଜାଣୁଛି। ବୃଦ୍ଧ ଜଣକ କେଉଁଆଡ଼େ ପଳାଇଯାଇଥିବେ। ମୁଁ ସୋମବାର ଗଲେ ଏ ବିଷୟରେ ବୁଝିବି। ପୂର୍ବରୁ ମଧ୍ୟ ନନ୍ଦନକାନନ ବୁଲିବାକୁ ଆସି କୁନିଝିଅ ପାୟଲ ଓ ଶିଶୁ ରୋହନ ନିଖୋଜ ହୋଇଯାଇଥିଲେ, ଯାହାକୁ ନେଇ ଏହି ଚିଡ଼ିଆଖାନା ଚର୍ଚ୍ଚା ପରିସରକୁ ଆସିଥିଲା।

# ଠେଙ୍ଗା ମାଡ଼ରେ ପ୍ରଧାନଶିକ୍ଷକ ଗୁରୁତର

**ଖଇରା,୨୮।୧୦(ଡି.ଏନ.ଏ.)**

ରାସ୍ତାରେ ଆସୁଥିବା ବେଳେ କେତେକ ବ୍ୟକ୍ତି ଠେଙ୍ଗାରେ ଆକ୍ରମଣ କରିବାରୁ ବାଲେଶ୍ୱର ଜିଲା ଖଇରା ଥାନା ସାରୁଗାଁ ପଞ୍ଚାୟତ ଅଧୀନ ତିଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍କୁଲର ଆୟବ୍ୟୟ ହିସାବକୁ ନେଇ ବିବାଦୀୟ ବିବାଦ ସୃଟେ ହୋଇଥବବା କୁହାଯାଉଛି। ତେବେ ରବିବାର ଅପରାହ୍ନରେ ଶିକ୍ଷକ ନିରଞ୍ଜନ ତିଳଦା-ଖଇରା ରାସ୍ତାରେ ଆସୁଥିବା ବେଳେ ତାଙ୍କୁ କେତେକ ବ୍ୟକ୍ତି ଠେଙ୍ଗାରେ ଆକ୍ରମଣ କରି ପଳାଇ ଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବାରୁ ଥାନାରେ କିଛି ସୂଚନା ନ ଥିବା ପୋଲିସ କହିଛି।

## ■ ପଥର ପରିବହନକୁ ନେଇ ବିବାଦ

# ୧୧ ଡମ୍ଫର ଅଟକ, ଦୁଇ ଗୋଷ୍ଠୀ ମୁହାଁମୁହିଁ

**ବାଲିଆପାଳ,୨୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ କଙ୍କଡାପାଳ ଠାରେ ନଦୀକୂଳ ସୁରକ୍ଷା ପାଇଁ ଜଳସେଚନ ବିଭାଗ ତରଫରୁ ୨୦ କୋଟିରୁ ଅଧିକ ଟଙ୍କାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ବ୍ୟବହୃତ ହେଉଥିବା ପଥର ପରିବହନ ଲାଗି ଠିକା ସଂସ୍ଥା ପକ୍ଷରୁ ସୋର ଅଞ୍ଚଳର ଏକ ପରିବହନ ଏଜେଣ୍ଟଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସ୍ଥାନୀୟ ସୁବର୍ଣ୍ଣରେଖା ଟ୍ରକ ଟ୍ରିପର ଆସୋସିଏଶନ ବିରୋଧ କରୁଥିବାରୁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଶନିବାର ରାତିରେ ପଥର ପରିବହନ ବେଳେ ୧୧ଟି ଡମ୍ଫରକୁ ଅଟକା ରଖାଯିବା ଘଟଣା ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବର ପାଇ ସିଂଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରି ୧୧ଟି ଡମ୍ଫରକୁ ଥାନାକୁ ନେଇଥିଲା। ପରେ ଥାନାରେ ଉଭୟ ଗୋଷ୍ଠୀ ଉପସ୍ଥିତ ହୋଇ ଆଲୋଚନା କରି ବିବାଦର ସମାଧାନ କରିଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ, ସ୍ଥାନୀୟ ଅଞ୍ଚଳର ଟ୍ରକ୍ ଓ ଡମ୍ଫର ବହୁ ସଂଖ୍ୟାରେ ଥିବାରୁ ସେମାନଙ୍କୁ କାମ ଦିଆଯାଉ ବୋଲି ଏସଟିଓଏ ପୂର୍ବରୁ ଦାବି କରିଥିଲା। କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ଦେଇ ନ ଥିଲେ। ଶନିବାର ରାତିରେ ସଂପୃକ୍ତ ପରିବହନ ଏଜେଣ୍ଟଙ୍କ ୧୧ଟି ଡମ୍ଫର ଓଭର ଲୋଡିଂ କରି ପଥର ଆଣୁଥିବା ଜଣାପଡିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଏସଟିଓଏର କର୍ମକର୍ତ୍ତାମାନେ ମିଶଇ ନାବରାଠାରେ ଡମ୍ଫରକୁ ଅଟକାଇ ରଖିଥିଲେ। ପରେ ପରିବହନ ଏଜେଣ୍ଟଙ୍କ ସମର୍ଥକ ଓ ବାଲିଆପାଳ ଅଞ୍ଚଳର କେତେକ ଯୁବକ ଆସି ଅଟକ ରହିଥିବା ଗାଡିକୁ ନେବା ସକାଶେ ଉଦ୍ୟମ କରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ହୋଇ ଗଣ୍ଡଗୋଳ ଘଟିଥିଲା। ରାସ୍ତାରେ ଏସବୁ ଡମ୍ଫର ଅଟକି ରହିବାରୁ ଦୀର୍ଘ ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା।

# ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଖଇରା୨୮।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ବଡନୂଆଗାଁ ପଞ୍ଚାୟତ ଅଧୀନ ସଇଁ ଗ୍ରାମରେ ଥିବା ଏକ ପୋଖରୀରୁ ଅଜଣା ବୃଦ୍ଧା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରବିବାର ସକାଳେ ଏକ ମୃତଦେହ ଭାସୁଥିବାର ଦେଖୀ ଗ୍ରାମବାସୀ ମାନେ ଖଇରା ପୋଲିସକୁ ଖବର ଦେଇଥିଲେ। ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳକେନ୍ଦ୍ରକୁ ଖବର ଦେବା ପରେ କର୍ମଚାରୀ ମାନେ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ଲାଗି ସୋର ପଠାଇଛି। ତେବେ ବୃଦ୍ଧା ମହିଳାଙ୍କର ପରିଚୟ ମିଳିପାରି ନ ଥିବାବେଳେ ସେ ପାଖରେ ଭିକ୍ଷା ବୃତ୍ତି କରୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ୫୨୯ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ସୋର, ୨୮।୧୦(ଡି.ଏନ୍.ଏ.)**

ସୋର ବ୍ଲକ ମଙ୍ଗଳପୁର ଗ୍ରାମର ଶ୍ରୀ ଅରବିନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସୋର ଶାଖା ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ବିବେକାନନ୍ଦ ଦାଶ ଉଦ୍‌ଘାଟନ କରିଥିଲେ। ଜିଲା ସଂଘ ସଭାପତି ଧୀରେନ୍ଦ୍ର ନାରାୟଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସୋର ଶାଖାର ସଭାପତି ନବକିଶୋର ଦାସ, ପ୍ରଫେସର ଡ.ପ୍ରହ୍ଲାଦ ଚରଣ ମହାନ୍ତି, ଡା.ଅନୂପ କୁମାର ଘୋଷ, ଡା.ତାରାକାନ୍ତ ନନ୍ଦ, ଡା.ଉମାକାନ୍ତ ନାୟକ, ଡା.ମହେଶ୍ୱର ଦାସ, ଡା.ତ୍ରିନାଥ ପାଲ, ଡା.ବ୍ରଜସୁନ୍ଦର ସ୍ୱାଇଁ, ଡା.ବାସୁଦେବ ଦାସ, ଡା.ଶରତ ଦାସଙ୍କ ସହ ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ଦାସ ଯୋଗଦେଇ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦେବେନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ସଦସ୍ୟ ସ୍ୱର୍ଗତ ରାଖାଲ ମହାନ୍ତିଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସମ୍ପାଦକ ଇଂ ବନମାଳୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ମେଡିସିନ, ଚକ୍ଷୁ, ଶିଶୁ, କର୍ଣ୍ଣ-ନାସା-ଗଳା ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ। ଏହି ଶିବିରରେ ମହୁମୁହାଣ, ମାଣିପୁର, ଜଡ଼ିଦା, ଶିଙ୍ଗାଖୁଣ୍ଟା ଓ ଗୋପୀନାଥପୁର ପଞ୍ଚାୟତର ୫୨୯ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ବର୍ଣ୍ଟନ କରାଯାଇଥିଲା। ଶିବିରରେ ଜିଲା ସଂଘର ଜିତେନ୍ଦ୍ର ମହାନ୍ତି, ପ୍ରଣିତା ମିଶ୍ର, ପଦ୍ମଲୋଚନ ଦ୍ୱିବେଦୀ, ନିର୍ମଳା ମହାନ୍ତି, ବୈଦ୍ୟନାଥ ଦାସ, ମୁରଲୀଧର ପାଢ଼ୀ, ଅଚ୍ୟୁତାନନ୍ଦ ପଣ୍ଡା, ବେଣୁଧର ପାଲ, ବିଜୟ କୁମାର ଦାସ, ଜ୍ଞାନ ରଞ୍ଜନ ପଣ୍ଡା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଲୋକମାନେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ରାସପୂର୍ଣ୍ଣିମା ପୂର୍ବରୁ ନିର୍ମାଣାଧୀନ ମନ୍ଦିର କାର୍ଯ୍ୟ ସାରିବାକୁ ଗୁରୁତ୍ୱ

**ରେମୁଣା,୨୮।୧୦(ଡି.ଏନ.ଏ.)**

ଆଗାମୀ ରାସପୂର୍ଣ୍ଣିମା ମହୋତ୍ସବ ପାଇଁ ରବିବାର ପୂର୍ବାହ୍ନରେ ମଣ୍ଡଗାଁ ସାମୁରାଇ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିବାକର ଖିଲାର ବୈଠକରେ ସଭାପତିତ୍ୱ କରିଥିଲେ। ବରୁଣସିଂ, ଡୁଣ୍ଡରା, ଇଞ୍ଚୁଡ଼ି, ଶ୍ରୀଜଙ୍ଗ, ତାଳପଦା, ମଲ୍ୟାଣୀ ରାଜସ୍ୱ ଗ୍ରାମର ବହୁ ଯାଦବ ସଭ୍ୟ ଉପସ୍ଥିତ ଥିଲେ। ଆଗାମୀ ରାସପୂର୍ଣ୍ଣିମା ପରିଚାଳନା, ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ ଏବଂ ଶ୍ରଦ୍ଧାଳୁଙ୍କ ଅନ୍ୟ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ନିର୍ମାଣାଧୀନ ଥିବା ମନ୍ଦିର କାର୍ଯ୍ୟକୁ ଶୀଘ୍ର ଶେଷ କରିବା ଲାଗି ଗୁରୁତ୍ୱାରୋପ କରାଯାଇଥିଲା। ମାଧବ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ରାସପୂର୍ଣ୍ଣିମା ପାଇଁ ସାମୁରାଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକ।

## ■ କେନ୍ଦ୍ରର ଶ୍ରମିକ ବିରୋଧୀ ନୀତିକୁ ବିରୋଧ

# ଜୋରଦାର ହେବ ଆନ୍ଦୋଳନ

**ବାଲେଶ୍ୱର ଅଫିସ,୨୮।୧୦**

ଦରଦାମ ବୃଦ୍ଧି, ବେକାରୀ, କଳାଟଙ୍କା ବୃଦ୍ଧି, ପୁଞ୍ଜିପତିଙ୍କ ସ୍ୱାର୍ଥରେ ଶ୍ରମ ଆଇନ୍ ସଂଶୋଧନ ଭଳି କେନ୍ଦ୍ର ସରକାରଙ୍କ ଶ୍ରମିକ ଓ ଜନବିରୋଧୀ ନୀତି ବିରୋଧରେ ଜୋରଦାର ଆନ୍ଦୋଳନ କରାଯିବ। ଏଥିଲାଗି ଆସନ୍ତା ଜାନୁୟାରୀ ୮ ଓ ୯ ତାରିଖରେ ସର୍ବଭାରତୀୟ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ସକାଶେ ଆସନ୍ତା ୪ ତାରିଖରେ ଭୁବନେଶ୍ୱରସ୍ଥିତ ଭଞ୍ଜ କଳାମଣ୍ଡପରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ କନ୍‌ଭେନ୍‌ସନ୍ ଆୟୋଜିତ ହୋଇଛି। ଏଥିରେ ବାଲେଶ୍ୱରର ସମସ୍ତ ସଂଗଠନର ପ୍ରତିନିଧି ଯୋଗଦେବା ସକାଶେ ବାଲେଶ୍ୱର ଉଠା ଜଳସେଚନ କର୍ମଚାରୀ ଭବନ ସଭାଗୃହରେ ଶନିବାର ବସିଥିବା ଏଆଇଟିୟୁସି ଜିଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣି ୧୨ ଦଫା ଦାବି ଓ ରାଜ୍ୟ କନ୍‌ଭେନ୍‌ସନ୍ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ତରଫରୁ ଶ୍ୟାମସୁନ୍ଦର ଜେନା, ଅକ୍ଷୟ ତ୍ରିପାଠୀ, ଆରତୀ ଦାସମହାପାତ୍ର, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପାତ୍ର, ଭରତ ଚନ୍ଦ୍ର ସେଠୀ, ଗିରିଜା ଶଙ୍କର ପାଣିଗ୍ରାହୀ, ରଞ୍ଜନ ବାରିକ, ରସାନନ୍ଦ ଦାସ, ହରିଶ ବେହେରା, ସତ୍ୟରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଶୋକ ନାୟକ, ଉମାକାନ୍ତ ଜେନା, ଅନାମ ପ୍ରସାଦ ବାରିକ ଯଶୋଦାନନ୍ଦନ ଆଶ, ଶରତ ଚନ୍ଦ୍ର ଦଳାଇ, ନିରଞ୍ଜନ ପରିଡ଼ା, ବନ୍ଦନା ବିଶ୍ୱାସ, ହେମନ୍ତ ଚଣ୍ଡ, ଓ ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ମଧ୍ୟ ବକ୍ତବ୍ୟ ରଖିଥିଲେ। ଅରୁଣା ବାରିକ୍ ଶେଷରେ ଧନ୍ୟବାଦ ଦେଇଥିଲେ। ସଭା ଆରମ୍ଭରେ ଜିଲା ସମ୍ପାଦକ ରତ୍ନାକର ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇ ତାଙ୍କ ସ୍ଥାନରେ ମାୟାଧର ନାୟକଙ୍କୁ ଜିଲାସମ୍ପାଦକ ଭାବେ ନିର୍ବାଚିତ କରାଯାଇଥିଲା।




ଏଆଇଟିୟୁସି ପକ୍ଷରୁ ଜିଲା କମିଟି ବୈଠକ।

**ସଂକ୍ଷେପରେ**

## କାର୍ ଧକ୍କାରେ ଆମ୍ବୁଲାନ୍ସ ଚାଳକ ମୃତ

ତିହିଡ଼ି,୨୮।୧୦(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ହରିପୁର ଗ୍ରାମର ଆମ୍ବୁଲାନ୍ସ ଚାଳକ ବୈରାଗୀ ଚରଣ ସାହୁ(୫୮) ରବିବାର ମଧାହ୍ନରେ କାର୍ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ତିହିଡ଼ି ଡାକ୍ତରଖାନା ସାମ୍ନାରେ ବସିଥିଲେ। ଭଦ୍ରକରୁ ଆସୁଥିବା ଏକ ନମ୍ବର ବିହୀନ କାର୍ ତିହିଡ଼ି ଡାକ୍ତରଖାନା ପରିସରକୁ ପଶୁଥିବା ବେଳେ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ବୈରଗୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ କାର୍‌ରେ ବସିଥିବା ଭାଟପଡ଼ା ଗ୍ରାମର ପାପୁ ପାତ୍ର(୩୦) ମଧ ଆହତ ହୋଇଥିଲେ। ତିହିଡ଼ି ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଛି।

## ପଥପ୍ରାନ୍ତ ସଭା

ବାସୁଦେବପୁର,୨୮।୧୦(ଡି.ଏନ.ଏ.): ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ କମିଟି ପକ୍ଷରୁ ବାସୁଦେବପୁର ବ୍ଲକ ଛକରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ଆଜାଦ୍ ହିନ୍ଦ୍ ସରକାରର ୭୫ ବର୍ଷ ପୂର୍ତ୍ତି ଅବସରରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଅକ୍ଟୋବର ୨୧ରୁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଜନସଂକଳ୍ପ ଯାତ୍ରା ଆୟୋଜିତ ହେଉଥିବାବେଳେ ଶନିବାର ପଥପ୍ରାନ୍ତ ସଭା କରାଯାଇଥିଲା। ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଯୋଗଦେଇ ନେତାଜୀଙ୍କ ନୀତି ଆଦର୍ଶଠାରୁ ରାଜ୍ୟ ଓ କେନ୍ଦ୍ର ସରକାର ଦୂରେଇ ଯାଇଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ କେନ୍ଦ୍ର ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା ଦିଗରେ ବିଫଳ ହୋଇଛନ୍ତି ବୋଲି ସେ ବକ୍ତବ୍ୟ ରଖିଥିଲେ।

## 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ

ତିହିଡ଼ି,୨୮।୧୦(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାହାବଳପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବିଜୁ ଯୁବବାହିନୀ ପକ୍ଷରୁ 'ମୁଁ ହିରା ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଜୁ ଯୁବବାହିନୀ ସଭାପତି ପ୍ରିୟବନ୍ଧୁ ମାଝୀ ପୌରୋହିତ୍ୟ କରିଥିଲେ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ମୁଖ୍ୟଅତିଥି, ସରପଞ୍ଚ ବିପିନ କୁମାର ବେହେରା ମୁଖ୍ୟବକ୍ତା, ଶିକ୍ଷାବିତ୍ ନିତ୍ୟାନନ୍ଦ ମଲିକ, ଯୁବବାହିନୀ ସମ୍ପାଦକ ମନୋରଞ୍ଜନ ବେହେରା, ଜୟନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ ଗୀତ, ସାଧରଣ ଜ୍ଞାନ ଓ ତର୍କ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଧଳ, କୃଷକ ସାଥୀ ପ୍ରଦୀପ୍ତ ଦାସ, ସୁଶାନ୍ତ ବାରିକ, ତୁଷାର ଜେନା, ବିପିନ ମଲିକ, ପୂଜା ବାରିକ, ଶ୍ରାବଣୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରାମୀଣ ସଂସ୍କୃତି ଆଣିଛି ଏକତା, ସଂହତି

ଭଦ୍ରକ ଅଫିସ,୨୮।୧୦

ଭଦ୍ରକ ବ୍ଲକ ଅଧୀନ ବେନ୍ତାଳ ପଞ୍ଚାୟତର ଜଗନ୍ନାଥପୁର ଗାଁ। ଗଛବୃଛ ଓ କେନାଲ ପରିବେଷ୍ଟିତ ଏହି ଗାଁର ପରିବେଶ ବେଶ୍ ମନୋରମ। ସରକାରୀ ନଥିପତ୍ରରେ ଜଗନ୍ନାଥପୁର ନାଁ ଥିଲେ ମଧ ଏହାର ପୁରାତନ ନାଁ ଗଞ୍ଜେଇବାଡି ବୋଲି କେହି କେହି କହନ୍ତି। ଭଦ୍ରକ ବାଇପାସ୍ ରାସ୍ତାରୁ ଚାନ୍ଦବାଲିକୁ ସଂଯୋଗ କରୁଥିବା ସଡ଼କରେ ୧୦ କି.ମି. ଦୂରରେ ପଡ଼େ ବାରିକଛକ। ସେଠାରୁ ଆଉ ୩ କି.ମି. ଭିତରକୁ ଗଲେ ପଡ଼େ ଜଗନ୍ନାଥପୁର। ଏହି ଗାଁ ମଝିରେ ରହିଛି ନିଆରା ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପ। ପ୍ରତିବର୍ଷ କୁମାର ପୂର୍ଣ୍ଣିମାରେ ପୂଜା ପାଆନ୍ତି ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି। ପ୍ରାୟ ୩ ପିଢ଼ି ଧରି ଗ୍ରାମୀଣ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ପୂଜା ହୋଇଆସୁଛି। ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରି ମାନସିକ କଲେ ପୂରଣ ହୋଇଥାଏ ବୋଲି ଜନବିଶ୍ୱାସ ରହିଛି। ଏଥିଲାଗି ଉକ୍ତ ପୂଜା ମଣ୍ଡପ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଛି।

ଅନ୍ୟବର୍ଷ ଭଳି ଚଳିତବର୍ଷ ଲକ୍ଷ୍ମୀନାରାୟଣଙ୍କ ଦର୍ଶନ ସକାଶେ ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଆସି ଭିଡ଼ ଜମାଉଛନ୍ତି। ଫଳରେ ଗାଁ ପରିବେଶ ଉତ୍ସବମୁଖର ହୋଇଉଠିଛି। ଏହି ପୂଜା ଉତ୍ସବ ଜଗନ୍ନାଥପୁର ସମେତ ଆଖପାଖର ଲୋକଙ୍କୁ ଏକତା ଓ ସଂହତିର ରଜ୍ଜୁରେ ବାନ୍ଧି ରଖିଛି। ବଳିଷ୍ଠ ସାଂସ୍କୃତିକ ଚେତନା ଅଞ୍ଚଳବାସୀଙ୍କ ଆଧାତ୍ମିକ ଜୀବନଧାରାକୁ ମଧ ପ୍ରଭାବିତ କରିଆସିଛି। ସମସ୍ତଙ୍କ ମିଳିତ ସହଯୋଗରେ ପୂଜାରେ ପ୍ରତିବର୍ଷ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ


ସ୍ଥାୟୀ ମଣ୍ଡପରେ ପୂଜା ପାଉଥିବା ଲକ୍ଷ୍ମୀନାରାୟଣ।

ଦେଖଣାହାରୀଙ୍କ ମନ ମୋହୁଛି। ୭ ଦିନ ପୂଜା ପରେ ଆସନ୍ତା ୩୦ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଆରମ୍ଭରୁ ପୂଜା ମଣ୍ଡପ ନିକଟରେ ପ୍ରବଚନ, ପାଲା, ନାଟକ, ମେଲୋଡ଼ି ଭଳି ନାନା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଭସାଣି ପୂର୍ବଦିନ ଆଖପାଖ ୫ ଖଣ୍ଡ ଗାଁ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି। ଗାଁର ପୁରୁଖା ଲୋକେ କହନ୍ତି, ଅନେକ ମାନସିକଧାରୀ ଏଠାରେ ପାଲା ପରିବେଷଣ କରାଇ ପୁରାତନ ସଂସ୍କୃତିର ସୁରକ୍ଷା ଦିଗରେ ସହଯୋଗ କରିଆସୁଛନ୍ତି। କେବଳ ଲକ୍ଷ୍ମୀନାରାୟଣଙ୍କ ପୂଜା ନୁହେଁ, ହନୁମାନ ଜୟନ୍ତୀ, ନଗର ସଂକୀର୍ତ୍ତନ ଓ ସରସ୍ୱତୀ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ। ଜଗନ୍ନାଥପୁର ଗାଁର ସମସ୍ତ ବାସିନ୍ଦା ଚାଷ କାର୍ଯ୍ୟ କରି ଚଳନ୍ତି। କେତେକ ବ୍ୟକ୍ତି ମିସ୍ତ୍ରି କାମ କରନ୍ତି। ପୂଜା ପାର୍ବଣ ସମୟରେ ସମସ୍ତେ ଆସି ପୂଜା ମଣ୍ଡପରେ ଏକତ୍ର ହୁଅନ୍ତି। ପୂର୍ବରୁ ବାଉଁଶ ପୋତି ନଡ଼ା ଛପର ତଳେ ପୂଜା କରାଯାଉଥିଲା। ଏବେ ସେଠି ଗଢ଼ି ଉଠିଛି ସୁଦୃଶ୍ୟ ସ୍ଥାୟୀ ମଣ୍ଡପ। ପୂଜା ପରିଚାଳନା ପାଇଁ ଗାଁର ଯୁବଗୋଷ୍ଠୀଙ୍କୁ ନେଇ ଗଢ଼ାଯାଇଛି ଲକ୍ଷ୍ମୀନାରାୟଣ ପୂଜା କମିଟି। ସମଗ୍ର ଗାଁ ପରିଚାଳନା ପାଇଁ ରହିଛି ଗ୍ରାମ୍ୟ ଶାନ୍ତି କମିଟି। ସଭାପତି ଭାବେ ବିନୋଦ ଚନ୍ଦ୍ର ଜେନା, ଅଧକ୍ଷ କୃଷ୍ଣଚନ୍ଦ୍ର ଜେନା, ଉପଦେଷ୍ଟା ମଦନ ମୋହନ ଗିରି ଓ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସମ୍ପାଦକ ଯୁଧିଷ୍ଠିର ପାଳ, କୋଷାଧକ୍ଷ ଭାବେ ମହେନ୍ଦ୍ର କୁମାର ଜେନା କାର୍ଯ୍ୟ ତୁଲାଇ ଆସୁଛନ୍ତି।

କୁମାର ପୂର୍ଣ୍ଣିମାରୁ ସବୁଠି ଲକ୍ଷ୍ମୀପୂଜା ହେଉଥିବା ବେଳେ ଜଗନ୍ନାଥପୁରରେ ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଇବା ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ଗ୍ରାମୀଣ ସଂସ୍କୃତିକୁ ସମୃଦ୍ଧ କରିଥିବା ଏହି ପୂଜା ପାଇଁ ଜଗନ୍ନାଥପୁର ପ୍ରସିଦ୍ଧିଲାଭ କରିଥିଲେ ମଧ ଗାଁରେ ଅନେକ ସମସ୍ୟା ଲାଗିରହିଛି। ଗାଁକୁ ପ୍ରବେଶ ପଥରେ ଏକ ବିପଦସଙ୍କୁଳ ପୋଲ ରହିଛି। ଏହାର ସୁରକ୍ଷା ପ୍ରାଚୀର ନାହିଁ। ବହିରାଗତ ଲୋକେ ସାମାନ୍ୟ ଅସାବଧାନ ହେଲେ ପୋଲ ଉପରୁ ତଳକୁ ଖସି ପଡ଼ିବାର ଭୟ ରହିଛି। ଏହି ପୋଲରୁ କେତେକ ଲୋକ ପଡ଼ି ଗୁରୁତର ଆହତ ହେବା ନଜିର ରହିଛି। ଗ୍ରାମ ଉପକଣ୍ଠରେ ଥିବା ଚାଷଜମି ଜଳସେଚିତ ବୋଲି ସରକାରୀ ରେକର୍ଡରେ ରହିଛି। କିନ୍ତୁ ଜମିକୁ ପାଣି ମାଡୁ ନାହିଁ। ଗାଁ ପାର୍ଶ୍ୱରେ ଯାଇଥିବା ସାଳନ୍ଦୀ ନଦୀରୁ ବାହାରିଥିବା କେନାଲରେ ଆଉଟଲେଟ ବ୍ୟବସ୍ଥା କରାଗଲେ ପ୍ରାୟ ୫ ଶହ ଏକର ଜମି ଜଳସେଚିତ ହୋଇପାରନ୍ତା ବୋଲି ଗ୍ରାମ୍ୟ କମିଟିର କର୍ମକର୍ତ୍ତା କହିଛନ୍ତି।

# ମିଶ୍ରଣ ପର୍ବ: ଏପାଖ ସେପାଖ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯାଉଛି।

## 'ଦିନରେ ଲୋକଙ୍କୁ ଲଣ୍ଠନ'

ଭଦ୍ରକ ଅଫିସ,୨୮।୧୦

ଭଦ୍ରକ ଜିଲା ବାସୁଦେବପୁରରେ ଭାଜପା ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେବା ପାଇଁ ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତରେ ଆସିଥିବାରୁ ଭାଜପା କର୍ମୀମାନେ ବେଶ୍ ଉତ୍ସାହିତ ରହିଥିଲେ। ଦୀର୍ଘ ୪୦ ବର୍ଷ ଧରି ବାସୁଦେବପୁର ବିଧାନସଭା କ୍ଷେତ୍ରର କଂଗ୍ରେସର ମଙ୍ଗ ଧରି ଆସୁଥିବା ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲିକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଭାଜପାରେ ସହଯୋଗୀଙ୍କ ସହ ସାମିଲ ହୋଇଥିଲେ। ଜଙ୍ଗଲ ସୁରକ୍ଷା ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଗଡ଼ କୁହାଯାଉଥିବା ବାସୁଦେବପୁରରେ ଆୟୋଜିତ ମିଶ୍ରଣପର୍ବ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ଇରମରେ ଶହୀଦ ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଇ ବାସୁଦେବପୁରକୁ ସଂଗ୍ରାମ ମାଟି ବୋଲି ଉଲ୍ଲେଖ କରି ଏହି ଅଞ୍ଚଳରୁ ଯୁବତୀଯୁବକ ବାହାରକୁ ଦାଦନ ଖଟିବାକୁ ଯିବା ବିଡ଼ମ୍ବନା ବୋଲି କହିଥିଲେ। ଭାଜପା ସରକାରକୁ ଆସିଲେ ବେକାରିଙ୍କୁ ନିଯୁକ୍ତି, ଜିଲାରେ ଶିଳ୍ପାୟନ ଭଳି ବିଭିନ୍ନ ଆଶା ଦେଖାଇ ବଂଶବାଦ ଓ ପରିବାର ରାଜନୀତିଠାରୁ ଦୂରେଇ ରହିବାକୁ ସମୟ ଆସିଛି ବୋଲି କହିଥିଲେ। ରାଜ୍ୟ ସରକାର ଆୟୁଷ୍ମାନ ଯୋଜନାକୁ ଉପେକ୍ଷା କରି ନିଜସ୍ୱ ହେଲ୍‌ଥ କାର୍ଡ ପ୍ରଦାନ କରିବା 'ଦିନରେ ଲୋକଙ୍କୁ ଲଣ୍ଠନ ଦେଖାଇବା' ସହ ସମାନ ବୋଲି ସେ ମନ୍ତବ୍ୟ ରଖି ଉପସ୍ଥିତ ଲୋକଙ୍କ ତାଳି ସାଉଣ୍ଟିଥିଲେ।

### ବିଷ୍ଣୁ ଗାଇଲେ ଗୀତ

କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପ୍ରାୟ ଏକ ଘଣ୍ଟା ବିଳମ୍ବ ହୋଇଥିଲା। ପୂର୍ବତନ ବିଧାୟକ ତଥା ଜିଲାର ବରିଷ୍ଠ ରାଜନୈତିଜ୍ଞ ବିଷ୍ଣୁ ସେଠି ମଞ୍ଚ ଉପରକୁ ଯାଇ ବିଭିନ୍ନ ଛାନ୍ଦ, ଚଉପଦୀ ଭରା ଗୀତ ଗାଇ ଲୋକଙ୍କ ମନ ମୋହିଥିଲେ। ଦୀର୍ଘ ୪୦ ବର୍ଷ ଧରି ବାସୁଦେବପୁରରେ କଂଗ୍ରେସର ମଙ୍ଗ ଧରିଥିବା ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲିକ ଭାଜପାରେ ଯୋଗଦେବା ପରେ ଶହେ ଶହେରେ ଖେଳ ହେବ ବୋଲି ବିଷ୍ଣୁ ମଞ୍ଚରେ କହିଥିଲେ। 'ସଜନୀ ଲୋ' ଗୀତର ମୁଖଡ଼ା ଗାଇ ସେ ଲୋକଙ୍କୁ ଉତ୍ସାହିତ କରିଥିଲେ। କଂଗ୍ରେସ କାନ୍ଦୁଛି ବିଜେଡି ଚିଡୁଛି ଭାଜପା ହସୁଛି କହି କଟାକ୍ଷ କରିଥିଲେ ବିଷ୍ଣୁ।

### ଗୋଷ୍ଠୀକନ୍ଦଳ ପାଇଁ ଦଳ ଛାଡ଼ିଲି

କଂଗ୍ରେସରେ ଗୋଷ୍ଠୀକନ୍ଦଳ ପାଇଁ ଦଳ ଛାଡ଼ିଲି ବୋଲି ରବିବାର ମିଶ୍ରଣପର୍ବରେ ବରିଷ୍ଠ ନେତା ମାଧବାନନ୍ଦ ମଲିକ କହିଥିଲେ। ସେ ଉଲ୍ଲେଖ କରିଥିଲେ, କଂଗ୍ରେସ ଦଳ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ି ଚାଲିଛି। ଦଳ ପାଇଁ କାର୍ଯ୍ୟ କରିଆସିଥିବା ବରିଷ୍ଠଙ୍କୁ ଉଚିତ ସମ୍ମାନ ମିଳୁନାହିଁ। ୨୦୦୪, ୨୦୦୯ ଓ ୨୦୧୪ ରେ ଅଞ୍ଚଳବାସୀ ତାଙ୍କୁ ବିଧାୟକ ଭାବେ ଭୋଟ୍ ଦେଇଥିଲେ। ହେଲେ ଅଳ୍ପ ଭୋଟ୍ ବ୍ୟବଧାନରେ ସେ ହାରିଥିଲେ ବୋଲି କହିଥିଲେ।

### ଜଙ୍ଗଲ ମନ୍ତ୍ରୀଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର

ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ବକ୍ତବ୍ୟ ରଖିଥିଲେ କେନ୍ଦ୍ରମନ୍ତ୍ରୀ। ପରେ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ରାଜ୍ୟରେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ମଧରେ ସମନ୍ୱୟର ଅଭାବରୁ ବିଭିନ୍ନ ସ୍ଥାନରେ ଅକାଳରେ ହାତୀ ମୃତ୍ୟୁମୁଖରେ ପଡୁଛନ୍ତି। ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ଅପାରଗତା, ଦାୟିତ୍ୱହୀନତା ଓ ଦୂରଦୃଷ୍ଟିର ଅଭାବ ଯୋଗୁ ହାତୀ ମୃତ୍ୟୁ ଘଟଣା ବାରମ୍ବାର ଘଟୁଥିବା ସେ କହିଥିଲେ।

# ୧୩ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା

ତିହିଡ଼ି,୨୮।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୧୩ ପଞ୍ଚାୟତକୁ ନେଇ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀମାନେ କାଁପଡ଼ା ବାସୁଳୀ ମନ୍ଦିରଠାରୁ ପଦଯାତ୍ରାରେ ବାହାରି ବାରୋ ପଞ୍ଚାୟତ ଦହପାଣିଆସ୍ଥିତ ବାସୁଳୀ ପଡ଼ିଆଠାରେ ପହଞ୍ଚିଥିଲେ। ସେଠାରେ ଜିଲା ପରିଷଦ ସଭ୍ୟ କମଳାକାନ୍ତ ଦାସଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ଧାମନଗର ନିର୍ବାଚନ ମଣ୍ଡଳୀର ଉନ୍ନତି କରିବା ସହ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ତାଙ୍କର ଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା


ବାସୁଳୀ ପଡ଼ିଆରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ।

ବିଦ୍ୟୁତଲତା ନାୟକ, ପୂର୍ବତନ ବ୍ଲକ ଅଧକ୍ଷ କମଳାକାନ୍ତ ଭୋଇ, ସରପଞ୍ଚ ମାନସୀ ମଲିକ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା ଓ ବସନ୍ତ ନାୟକ, ଦେବକୀ ଦାସ, ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ସରପଞ୍ଚ ଭାଗୀରଥୀ ମଲିକ ଓ ଶଶଧର ସାମଲ, ସରପଞ୍ଚଙ୍କ ପ୍ରତିନିଧି ଆଦିତ୍ୟ ଜେନା ପ୍ରମୁଖ ଯୋଗଦେଇ ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମିତିସଭ୍ୟ ଶରତ ମଲିକ, ପ୍ରଦୀପ ମହାଳିକ ଓ ଦାଶରଥି ମହାପାତ୍ର, ଯତିନ୍ଦ୍ର ବେହେରା, ଯଶୋବନ୍ତ ଦାସ, ଲକ୍ଷ୍ମୀକାନ୍ତ ମଲିକ, ଦେବାଶିଷ ଦାସ, ଅଜୟ ଦାସ, ଧନଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଅନ୍ତର୍ନିହିତ ଗୁଣ ପରିପ୍ରକାଶର ପୃଷ୍ଠଭୂମି ସୁରଭି'

ଭଦ୍ରକ ଅଫିସ, ୨୮।୧୦

ଭଦ୍ରକ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଜିଲାସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୨୩ କ୍ଲଷ୍ଟରର ୪୧୪ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ରାଧାକାନ୍ତ ସାମଲ, ଅନ୍ୟତମ ଅତିଥି ଭାବେ ଜିଲାସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ, ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷ ରଘୁନାଥ ଧଳ, ବିଆର୍‌ସିସି ଗୟାଧର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ ପାଇଁ ସୁରଭି ଉତ୍କୃଷ୍ଟ ପୃଷ୍ଠଭୂମି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ନେତ୍ରୀ ଚାରୁଲତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆର୍‌ସିସିମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ମୃତିସଭାରେ ପୁସ୍ତକ ଉନ୍ମୋଚନ

ଭଦ୍ରକ ଅଫିସ,୨୮।୧୦

ଭଦ୍ରକର ବିଶିଷ୍ଟ ଆଇନଜୀବୀ ଉପେନ୍ଦ୍ର ସ୍ୱାଇଁ ଏବଂ ତାଙ୍କ ସ୍ତ୍ରୀ କନକଲତା ସ୍ୱାଇଁଙ୍କ ବିୟୋଗରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଦରଦୀ କମ୍ରେଡ ଆଇନଜୀବୀ ଉପେନ୍ଦ୍ର' ନାମକ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଆଇନଜୀବୀ ନିରାକାର ଜେନା ସଭାରେ ସଭାପତିତ୍ୱ କରିଥିଲେ। ଲମ୍ବୋଧର ନାୟକ, ବାଞ୍ଛାନିଧି ମହାନ୍ତି, ସନ୍ତୋଷ ଦାସ, ଡା. ରବି ନାୟକ, ସୁଧାକର ନନ୍ଦ, ଜଗନ୍ନାଥ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭିଷେକଙ୍କ ଆରୋଗ୍ୟ ଲାଗି ସମୂହ ଦୀପଦାନ

ଭଦ୍ରକ ଅଫିସ,୨୮।୧୦

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବାରବାଟିଆ ଗ୍ରାମର ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁଙ୍କ ୧୪ ବର୍ଷର ପୁଅ ଅଭିଷେକଙ୍କ ଉପରେ ଏକ ବିଦ୍ୟୁତ୍ ଖୁଣ୍ଟ ପଡ଼ିଯିବାରୁ ତାଙ୍କ ମେରୁଦଣ୍ଡ ଓ ଶରୀରର ଅନେକ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଜିଲା ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶକ୍ରମେ ସେ ଏବେ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ନେସ୍କୋର ପରିଚାଳନା ନିର୍ଦ୍ଦେଶକଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ, ତିହିଡ଼ି ଥାନାଧିକାରୀଙ୍କୁ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯିବା


ଶିଶୁମଙ୍ଗଳ କମିଟି କର୍ମକର୍ତ୍ତା ମନ୍ଦିରରେ ଦୀପ ଜାଳୁଛନ୍ତି।

ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅଭିଷେକଙ୍କ ଆଶୁ ଆରୋଗ୍ୟ କାମନା କରି ଶିଶୁ ମଙ୍ଗଳ ସମିତି ଅଧକ୍ଷ ଡ. ସୁଦର୍ଶନ ବାରିକ, ସଭ୍ୟ ସତ୍ୟସୁନ୍ଦର ପୁହାଣ, ପ୍ରଦୀପ କୁମାର କର ଏବଂ ସଭ୍ୟା ସ୍ମୃତିରେଖା ମହାନ୍ତି ଓ ସଂଗୀତା ଗିରି, କାର୍ଯ୍ୟାଳୟ ସହକାରୀ ମନୋଜ କୁମାର ସାହୁ ପ୍ରମୁଖ ସ୍ଥାନୀୟ ମା' ବଙ୍କବାସୁଳୀ ମନ୍ଦିରରେ ସମୂହ ଦୀପଦାନ କରିଛନ୍ତି।

# ମହାସଂସ୍କୃତି ଜାଗରଣ ଯାତ୍ରା ପ୍ରସ୍ତୁତି

ଭଦ୍ରକ ଅଫିସ,୨୮।୧୦

ଭଦ୍ରକର ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଅନୁଷ୍ଠିତ ହୋଇଆସୁଥିବା ମହାସଂସ୍କୃତି ଜାଗରଣ ଯାତ୍ରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ବାଲଗୋପାଲ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦ ଶର୍ମା ଏଥିରେ ଅଧକ୍ଷତା କରିଥିଲେ। ନଭେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ପୂର୍ବାହ୍ନ ୧୦ଟାରୁ ରାତି ୧୦ ଟା ଯାଏ ଭଜନ, ସଂକୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ରହିଛି। ଏଥିସହ ପ୍ରତ୍ୟହ ସନ୍ଧ୍ୟାରେ ଆଧାତ୍ମିକ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟା ସଭାରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଯୋଗଦେବେ। ପ୍ରାରମ୍ଭରେ ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ଗତବର୍ଷ ଜାଗରଣ ଯାତ୍ରାର ସୂଚନା ପ୍ରଦାନ କରିଥିଲେ। ୫ ଜଣ ଜଗନ୍ନାଥପ୍ରେମୀ ବିଶେଷ ବ୍ୟକ୍ତିଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ ଲାଗି ସ୍ଥିର କରାଯାଇଥିଲା। ସର୍ବଶ୍ରୀ ସହପରିଚାଳକ ଶରତ ଚନ୍ଦ୍ର ମହାନ୍ତି, ବିଷ୍ଣୁମୋହନ ପଣ୍ଡା, ବାବୁଲାଲ ଦାସ, ଲକ୍ଷ୍ମୀଧର ଖଟୁଆ, ପଦ୍ମଲୋଚନ ମହାପାତ୍ର, ସୁକାନ୍ତି ବିଶ୍ୱାଳ, ରଘୁନାଥ ଦାସ, ନାରାୟଣ ପ୍ରଧାନ, ସନ୍ନି ଶିଅଳ, ବଳରାମ ମହାନ୍ତି, ପ୍ରଶାନ୍ତ କୁମାର ଦେ, କାହ୍ନୁଚରଣ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବନ୍ଦ ପାଳନକୁ ଧାମନଗର ବିଜେଡିର ସମର୍ଥନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବ୍ଲକ ବିଜେଡି କର୍ମକର୍ତ୍ତା।

ଧାମନଗର,୨୮।୧୦(ଡି.ଏନ.ଏ.)

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦଳମତ ନିର୍ବିଶେଷରେ ସମଗ୍ର ଜିଲାବାସୀ ଦାବି କରିଛନ୍ତି। ଏ ନେଇ ସୋମବାର ବନ୍ଦ ପାଳନକୁ ଧାମନଗର ବ୍ଲକ ବିଜେଡି ସମର୍ଥନ କରିଛି। ରବିବାର ସନ୍ଧ୍ୟାରେ ଧାମନଗର ଆର୍‌ଡି ଡାକବଙ୍ଗଳାରେ ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବିଜେଡି ପୂର୍ବରୁ ସମର୍ଥନ ଦେଇଆସିଛି ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ଗତ ସେପ୍ଟେମ୍ବର ୧୮ ତାରିଖରେ ବିଧାନସଭା ଗୃହରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏକଥା ଉଠାଇ ଭଦ୍ରକବାସୀଙ୍କ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହିତ ରାଜ୍ୟ ସରକାରଙ୍କୁ ଜମି ଯୋଗାଇଦେବା ପାଇଁ ମଧ ପ୍ରସ୍ତାବ ଦିଆଯାଇଥିବା ପ୍ରକାଶ କରିଥିଲେ। ସୋମବାର ସମଗ୍ର ଭଦ୍ରକ ଜିଲାରେ ସଂଗ୍ରାମୀ ସେନା ପକ୍ଷରୁ ବନ୍ଦ ପାଳନ ପାଇଁ ଆହ୍ୱାନକୁ ଧାମନଗର ବ୍ଲକ ବିଜେଡି ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି। ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ର ସରକାରଙ୍କୁ ତୁରନ୍ତ ପ୍ରସ୍ତାବ ପଠାଇବା ସହ କେନ୍ଦ୍ର ଅନୁମୋଦନ ପାଇଁ ଚେଷ୍ଟା କରାଯିବ ବୋଲି ସଭାପତି ଲେଙ୍କା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢ଼ୀ, ବିଧାୟକ ପ୍ରତିନିଧି ଶରତ ମହାନ୍ତି, ବ୍ଲକ ସମ୍ପାଦକ ସେକ୍ ଜାଫର ଅଲ୍ଲୀ, ମହମ୍ମଦ ଫକିରୁଦ୍ଦିନ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## 'କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶରେ ସହାୟକ ହୁଏ'

ଭଦ୍ରକ ଅଫିସ, ୨୮।୧୦

ଭଦ୍ରକ ବ୍ଲକ ବିନ୍ଧୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ୨ ଦିନିଆ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ଯୋଗଦେଇ କହିଥିଲେ, ଶିକ୍ଷା କ୍ଷେତ୍ରରେ କ୍ରୀଡ଼ା ଏକ ଅବିଚ୍ଛେଦ୍ୟ ଅଙ୍ଗ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୁଏ ବୋଲି ସେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ, ବାଗୁରାଇ ସ୍କୁଲର ପ୍ରଧାନଶିକ୍ଷକ ଚକ୍ରଧର ମଲ୍ଲିକ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ହେମନ୍ତ ଜେନା, ରାଜେନ୍ଦ୍ର ନାୟକ, ତପନ କୁମାର ମିଶ୍ର, ଗଜେନ୍ଦ୍ର ଭାରତୀ, ଶଶିକାନ୍ତ ପଣ୍ଡା, ଅମୂଲ୍ୟ କୁମାର ମହାପାତ୍ର, ରତ୍ନାକର ମଲ୍ଲିକ, ମାନସ ରାଉତ, ଅନୁପମା ଦେବନାଥ, ମାନସ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱତନ୍ତ୍ର ଅଲିମ୍ପିକ ପାଇଁ ରାଜ୍ୟସ୍ତରୀୟ ପ୍ରତିଯୋଗିତା


ପ୍ରତିଯୋଗିତାରେ ସିଆର୍‌ଏସ୍‌ଆର୍ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରୀଛାତ୍ର।

ଭଦ୍ରକ ଅଫିସ,୨୮।୧୦

ସ୍ୱତନ୍ତ୍ର ଅଲିମ୍ପିକ ଓଡ଼ିଶା ଶାଖା ସମେତ ସିଆର୍‌ଏସ୍‌ଆର୍ ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ସ୍ୱତନ୍ତ୍ର ଅଲିମ୍ପିକରେ ଭାଗ ନେବା ପାଇଁ ମାନସିକ ଅନଗ୍ରସର ପିଲାଙ୍କୁ ନେଇ ଭଦ୍ରକ ଚରମ୍ପାସ୍ଥିତ ସିଆର୍‌ଏସ୍‌ଆର୍ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ଓ ଡିସେମ୍ବର ମାସରେ ବାଙ୍ଗାଲୋର, ଉତ୍ତରାଖଣ୍ଡ ଏବଂ ପଞ୍ଜାବରେ ହେବାକୁ ଥିବା ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଫ୍ଲୋର୍ ବଲ୍ ଏବଂ ଫ୍ଲୋର୍ ହକିରେ ବାଳିକାବାଳକ ଅଂଶଗ୍ରହଣ କରିବେ। ସିଆର୍‌ଏସ୍‌ଆର୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭଗବାନ ପରିଡ଼ା, ରାଜ୍ୟ ସଂଯୋଜିକା ଅର୍ପିତା ମହାପାତ୍ର, ନ୍ୟାସନାଲ କୋଚ୍ ଗୀତା ପଣ୍ଡା ଉପସ୍ଥିତ ରହି ପିଲାଙ୍କୁ ମନୋନୀତ କରିଥିଲେ। ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ଶିକ୍ଷକ ଗୌରୀଶଙ୍କର ଦାସ, ନୃପକିଶୋର ବାରିକ, ଉଜ୍ଜଳ କୁମାର ରାଉଳ, ଦିଲୀପ କୁମାର ଯେନା ପ୍ରମୁଖ ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ।

### ଜାତୀୟସ୍ତରକୁ ୫ ମନୋନୀତ

ସିଆର୍‌ଏସ୍‌ଆର୍ ସ୍କୁଲ ପକ୍ଷରୁ ୫ ଜଣ ଅଜୟ ସିଂ, ଦୁର୍ଗା ବାନାରା, ପଦ୍ମିନୀ ଦାସ, ଜାମ୍ବି ବାନାରା ଓ କବିତା ଦାସ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି।

# 'ସ୍ଥାନୀୟ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଅ'

### ଅସ୍ତିଆ ପଡିଆରେ ଶପଥ ସମାବେଶ

■ ମୋରଡା, ଶୁଳିଆପଦା, ରାସଗୋବିନ୍ଦପୁର ବ୍ଲକର କର୍ମୀ ସାମିଲ

ବାରିପଦା ଅଫିସ,୨୮।୧୦

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲାରେ ବିଭିନ୍ନ ରାଜନୈତିକ ଦଳ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଫଳରେ ରାଜନୈତିକ ଉଷ୍ମତା ପରିଲକ୍ଷିତ ହେଉଛି। ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କ ସହିତ ଏବେଠୁ ସଜବାଜ ହେବା ଆରମ୍ଭ କଲେଣି। ଅନ୍ୟ ଦଳ ଅପେକ୍ଷା ଶାସକ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବା ଚର୍ଚ୍ଚା ହେଉଛି। ମୟୂରଭଞ୍ଜ ଜିଲାର ମୋରଡା ନିର୍ବାଚନ ମଣ୍ଡଳୀ ଏକମାତ୍ର ଅଣସଂରକ୍ଷିତ ଆସନ ହୋଇଥିବାରୁ ଏହା ଉପରେ ବହୁ ଆଶାୟୀ ନେତାଙ୍କ ଆଖି ରହିଛି। କେତେକ ନେତା ସଙ୍ଗଠନ କାର୍ଯ୍ୟ ମଧ୍ୟ ଆରମ୍ଭ କରିଦେଲେଣି। ଏହି ଆସନରେ ଏଥର ଜଣେ ଯୁବ ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଉ ବୋଲି ଦାବି କରି ମୋରଡା ବ୍ଲକ ଅସ୍ତିଆ ପଡିଆରେ ରବିବାର ଏକ ଶପଥ ସମାବେଶ କାର୍ଯ୍ୟକ୍ରମ ହେବା ଚର୍ଚ୍ଚାକୁ ଆସିଛି।

ମୋରଡା ବ୍ଲକ ଚଢ଼େଇ ଗାଁର ଯୁବନେତା କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ହୋଇଥିବା ଏହି ଶପଥ ସମାବେଶ କାର୍ଯ୍ୟକ୍ରମରେ ପୂର୍ବତନ ଶୁଳିଆପଦା ବ୍ଲକ ଚେୟାରମ୍ୟାନ କାଜଲ ମାରାଣ୍ଡି, କୋଷ୍ଠା ପଞ୍ଚାୟତର ସମିତି ସଭ୍ୟ ହରିଶ୍ଚନ୍ଦ୍ର ଦତ୍ତ, ପୂର୍ବତନ ଶୁଳିଆପଦା ବ୍ଲକ ଚେୟାରମ୍ୟାନ ବିଲକାନ ପ୍ରଭୁଦୟାଲ ନାଗ, ପୂର୍ବତନ ସମିତି ସଭ୍ୟ ପାନୁ ହେମ୍ବ୍ରମ, ନୂଆଗାଁ ସମିତି ସଭ୍ୟ ସାନ ମହାନ୍ତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ୍ୱର ମହାନ୍ତ, ପୂର୍ବତନ ସମିତି ସଭ୍ୟ ବୁଢ଼ାନ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ମୋରଡା, ଶୁଳିଆପଦା, ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ପ୍ରାୟ ୫ ହଜାର କର୍ମୀ ଯୋଗ ଦେଇଥିଲେ। ବକ୍ତାମାନେ କହିଥିଲେ, ବିଜେଡି କର୍ମୀଙ୍କୁ ଦଳରେ ଉଚିତ ଗୁରୁତ୍ୱ ଦିଆଯାଉ। ନେତାମାନେ କର୍ମୀଙ୍କୁ ଉପେକ୍ଷା କରିବା ବନ୍ଦ ହେଉ। ଏହି ଆସନରୁ ଯୁବ ପ୍ରାର୍ଥୀଙ୍କୁ ଟିକେଟ ଦେବା ପାଇଁ ଦଳର ନେତୃତ୍ୱ ବିଚାର କରନ୍ତୁ ବୋଲି ସଭାରେ ଦାବି କରାଯାଇଥିଲା। ଏପରିକି କେତେକ ଯୁବ ନେତାଙ୍କ ନାମ ପ୍ରକାଶ କରାଯାଇଥିଲା। ଉଲ୍ଲେଖନୀୟ ଯେ, ଏଭଳି କାର୍ଯ୍ୟକ୍ରମରେ ଜିଲାର କୌଣସି ଦଳୀୟ ନେତା, ବିଧାୟକ କିମ୍ବା ପର୍ଯ୍ୟବେକ୍ଷକ ଉପସ୍ଥିତ ନ ଥିଲେ। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓଙ୍କୁ ମତାମତ ପଚାରିବାରୁ ସେ କିଛି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ। ମୁଖପାତ୍ର ତଥା ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଡା. ଦେବାଶିଷ ମାରାଣ୍ଡି ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ।

ଶପଥ ସମାବେଶ କାର୍ଯ୍ୟକ୍ରମ ପରେ ଯୁବ ନେତା କୃଷ୍ଣଚନ୍ଦ୍ର ଗଣମାଧ୍ୟମକୁ କହିଥିଲେ ଯେ, ଗତ ପଞ୍ଚାୟତ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ କର୍ମୀଙ୍କୁ ବ୍ୟଥିତ କରିଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ କର୍ମୀମାନେ ଆଗେଇ ଆସିଛନ୍ତି। ନେତୃମଣ୍ଡଳୀ ଓ ପର୍ଯ୍ୟବେକ୍ଷକଙ୍କ ଅନୁପସ୍ଥିତିରେ ଦଳର କାର୍ଯ୍ୟକ୍ରମ କରିବା କିଛି ଭୁଲ ନୁହେଁ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମ ବ୍ୟକ୍ତିଗତ ଭାବେ କାହା ବିରୋଧରେ ଉଦ୍ଦିଷ୍ଟ ନୁହେଁ। ତେବେ ସ୍ଥାନୀୟ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବା ସକାଶେ ଲୋକେ ଦାବି କରିଛନ୍ତି।



ଶପଥ ସମାବେଶରେ ସାମିଲ ଅଞ୍ଚଳବାସୀ।

## ସଂକ୍ଷେପରେ

### ମୋରଡାରେ ଝାଡ଼ଖଣ୍ଡ ହାତୀପଲ

ମୋରଡା,୨୮।୧୦(ସ୍ୱ.ପ୍ର.): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ସୀମାନ୍ତ ଧୀରେଇଡିହି ଗ୍ରାମ ଦେଇ ଏକ ହାତୀପଲ ରବିବାର ପ୍ରବେଶ କରିଛନ୍ତି। ଏହି ପଲରେ ୪୦ରୁ ଊର୍ଦ୍ଧ୍ୱ ହାତୀ ଥିବା ବେଳେ ସେମାନେ ଝାଡଖଣ୍ଡ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ତେବେ ହାତୀପଲ ଫୁଲଝରୀ,ଭାଲୁଘେରା, ବାଘାଝରଣ ଦେଇ ଘୋଳମୁହାଁଠାରେ ଜମ୍ବୀରାନଦୀ ପାରି ହୋଇ ଅସ୍ତିଆ ବାଟଦେଇ ଅସନବଣି ଜଙ୍ଗଲରେ ପହଞ୍ଚିଛନ୍ତି । ବାଟରେ ସେମାନେ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଖବର ପାଇ ସ୍ଥାନୀୟ ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫଓ ଦିଲ୍ଲୀପ କୁମାର ବାରିଜଙ୍କ ନେତୃତ୍ୱରେ ଟିମ୍ ହାତୀ ପଲକୁ ଜଗି ରହିଛନ୍ତି। ଶେଷ ଖବର ସୁଦ୍ଧା ହାତୀପଲ ଦାନ୍ତିଆମୁହାଁର ଦୁର୍ଗାପୁର ଜଙ୍ଗଲରେ ଥିବା ବେଳେ ଅଞ୍ଚଳବାସୀ ଭୟଭୀତ ଅଛନ୍ତି ।

### ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

କପ୍ତିପଦା,୨୮।୧୦(ଡି.ଏନ୍.ଏ): କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ଦୋଳିପଡା ଗ୍ରାମର ସରିତା ଦେହୁରୀ ନାମ୍ନୀ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ସରିତାଙ୍କ ବାପା ନାରାୟଣ ଦେହୁରୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ ୪୮/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ଗିରଫ ସ୍ୱାମୀ ହେଲେ ଟିକନ ଦେହୁରୀ । ଟିକନ ୨୦୧୧ ମସିହାରେ ସରିତାଙ୍କୁ ବିବାହ କରିଥିବା ବେଳେ ଅଧିକ ଯୌତୁକ ଲାଗି ନିର୍ଯାତନା ଦେଇ ଆସୁଥିଲେ । ଗତ ୨୭ ତାରିଖରେ ସରିତାଙ୍କୁ ତଣ୍ଟି ଚିପି ଟିକନ ହତ୍ୟା କରିଥିବା ନେଇ ତାଙ୍କ ପୁଅ ଯାଇ ଆଈଙ୍କୁ କହିଥିଲେ। ସରିତାଙ୍କ ପରିବାର ଲୋକେ ତୁରନ୍ତ ତାଙ୍କ ଶାଶୁ ଘରେ ପହଞ୍ଚିବା ବେଳକୁ ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ମହିଳାଙ୍କୁ ବଳାତ୍କାର ଘଟଣା: ଜଣେ ଗିରଫ

ବେତନଟୀ,୨୮।୧୦ (ଡ଼ି.ଏନ.ଏ): ବେତନଟୀ ଥାନା ଅଞ୍ଚଳର ଜଣେ ମହିଳା ଗତ ଦଶହରାରେ ରାବଣ ପୋଡି ଉତ୍ସବ ଦେଖିବାକୁ ଯାଇ ବଳାତ୍କାରର ଶିକାର ହୋଇଥିଲେ। ବଳାତ୍କାର ପରେ ଅଭିଯୁକ୍ତମାନେ ଏସିଡ ପକାଇ ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ସେବେଠାରୁ ମହିଳାଜଣକ ବାରିପଦା ପିଆରଏମ ମେଡ଼ିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ବେତନଟୀ ପୋଲିସ ରବିବାର ପିଆରଏମ ମେଡ଼ିକାଲ କଲେଜ ଯାଇ ପୀଡିତାଙ୍କ ବୟାନ ରେକଡ଼ କରି ଏକ ମାମଲା (ନଂ ୧୪୩/୧୮) ରୁଜୁ କରିଛି। ଏହି ଘଟଣାରେ ପୋଲିସ ସୁକ୍ରାନ୍ତ ମହାକୁଡ ନାମକ ଯୁବକଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଫେରାର ଅଛନ୍ତି।

### ପୋଖରୀରେ ବୁଡ଼ି ମହିଳା ମୃତ

ବେତନଟୀ,୨୮।୧୦ (ଡ଼ି.ଏନ.ଏ.): ବୈଶିଙ୍ଗା ଥାନା ଅଧୀନ କଳମାନିକଟ ପୁରୁଷୋତ୍ତମପୁର ଗ୍ରାମର ସମ୍ଭାରୀ ମାଝି (୩୯) ଗାଡ଼ିଆରେ ବୁଡ଼ି ପ୍ରାଣ ହରାଇଛନ୍ତି। ସମ୍ଭାରୀଙ୍କ ସ୍ୱାମୀ ସୁରାଇ ମାଝି ବୈଶିଙ୍ଗା ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ ଶନିବାର ସମ୍ଭାରୀ ଘର ପଛ ପଟ ଗାଡ଼ିଆକୁ ଯାଇ ଦୀର୍ଘ ସମୟ ଧରି ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ବୈଶିଙ୍ଗା ଥାନାରେ ଶବ ବ୍ୟବଚ୍ଛେଦ କରାଯାଇ ଏକ ଅପମୃତ୍ୟୁ ମାମଲା (ନଂ ୪୯/୧୮) ରୁଜୁ ହୋଇଛି।

### କାଠ ବୋଝେଇ ଗାଡ଼ି ଜବତ

ବେତନଟୀ, ୨୮।୧୦ (ଡ଼ି.ଏନ.ଏ): ବେତନଟୀ ବନାଞ୍ଚଳ ଅଧୀନ ବୈଶିଙ୍ଗା -ରୁପ୍ସା ରାସ୍ତାର ବାମଡ଼ା ନିକଟରେ ରବିବାର ଚୋରା କାଠ ସହ ଏକ ଟାଟା ଏସି ଗାଡ଼ିକୁ ବେତନଟୀ ବନ ବିଭାଗ ଜବତ କରିଛି। ଗାଡ଼ିର ଚାଳକ ଫେରାର ହୋଇଯାଇଥିଲେ। ବନ ବିଭାଗ ଗାଡ଼ି ସହ କାଠ ଜବତ କରିଛି।

## ଆନ୍ତଃ ରାଜ୍ୟ ଝୁମର ଆଲୋଚନାଚକ୍ର ଉଦ୍‌ଘାଟିତ

ବାରିପଦା ଅଫିସ, ୨୮।୧୦: ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦୁଇ ଦିନିଆ ଝୁମର ଆଲୋଚନା ଚକ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଝୁମର ଏକାଡେମି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡର ବହୁ ଝୁମର ଗବେଷକ, ବିଶାରଦ ଓ ବିଶେଷଜ୍ଞ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ସଭାପତି ପୂର୍ବତନ ଏମ୍‌ପି ବୀରଭଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଞ୍ଚି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର କାଳିପଦ ମହାନ୍ତ , ସମ୍ମାନିତ ବକ୍ତା ଭାବେ ଝୁମର ଏକାଡେମି ସଭାପତି ଅବନି କୁମାର ମହାନ୍ତ, ସମ୍ପାଦକ ବସନ୍ତ କୁମାର ମହାନ୍ତ ଥିଲେ। ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ପ୍ରକାଶ ସୋରେନ ଝୁମର ଏକାଡେମୀର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ କହିଥିଲେ।

# ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ମିଶ୍ରଣ ପର୍ବ



ଜେଏମଏମ କର୍ମକର୍ତ୍ତାଙ୍କ ସହିତ ନୂତନ ଭାବେ ଯୋଗ ଦେଇଥିବା ଭାଜପା ଯୁବ ନେତା।

ବାରିପଦା ଅଫିସ,୨୮।୧୦

ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲା ମୁଖ୍ୟ କାର୍ଯ୍ୟାଳୟଠାରେ ଜେଏମଏମ ଯୁବ ଶାଖା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବରେ ବିଜେପି ଯୁବ ମୋର୍ଚ୍ଚା ଜିଲା ସଂଯୋଜକ ଜିତୁ ଶିବାନନ୍ଦ, ପୂର୍ବତନ ଯୁବ ସହର ସଭାପତି ଓମ ପ୍ରକାଶ ଦାସଙ୍କ ସମେତ ୫୦ରୁ ଅଧିକ ନେତା ଜେଏମଏମରେ ଯୋଗଦେଇଛନ୍ତି। ବିଗତ ଦିନରେ ଭାଜପାରେ ଅନ୍ତର୍ଦ୍ୱନ୍ଦ କଳହ ଓ ନେତୃତ୍ୱ ଅଭାବ ଘଟିଥିବାରୁ ଜିଲା ଯୁବ ସଙ୍ଗଠନ ଦୁର୍ବଳ ହୋଇଯାଇଥିବା ଜିତୁ କହିଛନ୍ତି। ଜେଏମଏମ ଯୁବ ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଏହି ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେଏମଏମର ଜିଲା ଉପସଭାପତି ଦିଲୀପ ଦାସ, ଜିଲା ସମ୍ପାଦକ ନିମାଇଁଚରଣ ତ୍ରିପାଠୀ, ଜିଲା ସମ୍ପାଦକ ପ୍ରଭୁଦାନ ମାର୍ଣ୍ଡି, ଯୁବ ଉପସଭାପତି ରାକେଶ ବେହେରା,ଯୁବ ସମ୍ପାଦକ ମାନସ ବେହେରା, ଯୁବ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଯୁବ ନଗର ସଭାପତି ସୌମ୍ୟରଞ୍ଜନ ମିଶ୍ର, ନଗର ଉପସଭାପତି ଏସ.କେ. ରାଜାଖାନ, ଛାତ୍ରସଂଘ ସଭାପତି ରବୀନ୍ଦ୍ର ସାହୁ, ରାସଗୋବିନ୍ଦପୁର ବ୍ଲକ ଯୁବ ସମ୍ପାଦକ ମଳୟ କର, ମୋରଡା ବ୍ଲକ ଛାତ୍ର ସଭାପତି ଉତ୍ପଳ ମହାନ୍ତ, ନେତା ରାକେଶ ମହାନ୍ତ,ପ୍ରଶାନ୍ତ କୁମାର ଦାସ, ସଞ୍ଜୟ ମାହାର୍ଣ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

## ଡମ୍ଫର ଚାପାରେ ମହିଳା ମୃତ

ବାରିପଦା ଅଫିସ,୨୮।୧୦: ବାରିପଦା ସହର ମୁର୍ଗାବାଡି ଗୋଲେଇଠାରେ ରବିବାର ଏକ ଡମ୍ଫର ଚାପାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଜଣଙ୍କ ହେଲେ ବାହାଡାଗୋଡା ଅଞ୍ଚଳର ସବିତା ଘୋଷ। ସେ ତାଙ୍କ ଜ୍ୱାଇଁ ଆନନ୍ଦ ପାତ୍ର ଓ ଝିଅ ପ୍ରିୟଙ୍କାଙ୍କ ସହିତ ଏକ ବାଇକ୍‌ରେ ଯାଉଥିବା ବେଳେ ଏକ ଡମ୍ଫର ପଛପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ସମସ୍ତେ ଗାଡିରୁ ଛିଟିକି ପଡିଥିଲେ। ପରେ ସବିତଙ୍କା ମୁଣ୍ଡ ଉପରେ ଗାଡି ପଛ ଚକ ଚଢ଼ି ଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ପ୍ରିୟଙ୍କା ଗୁରୁତର ହୋଇ ପିଆରଏମ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ସ୍ଥାନୀୟ ଲୋକେ ଏହା ବିରୋଧରେ ଟାୟାର ଜାଳି ୧୮ ନମ୍ବର ଜାତିୟ ରାଜପଥକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେବାରୁ ବାରିପଦ ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଟାଉନ ଥାନା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା।

### ବାରିପଦାରେ ପୌଷ୍ୟ ସନ୍ତାନ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ

## ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ



ଜିଲାପାଳଙ୍କ ସହିତ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଆଲୋଚନା କରୁଛନ୍ତି।

ବାରିପଦା ଅଫିସ,୨୮।୧୦

କେନ୍ଦ୍ରୀୟ ପୌଷ୍ୟ ସନ୍ତାନ ପ୍ରାଧିକରଣ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଜଗଦୀଶ ଚନ୍ଦ୍ର ମହାନ୍ତି ରବିବାର ମୟୂରଭଞ୍ଜ ଜିଲା ଗସ୍ତ କରିଛନ୍ତି। ଏହି ସମୟରେ ସେ ବିଭିନ୍ନ ପୌଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା ଓ ଆରଡିଏସି ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସେ ଶିଶୁମାନଙ୍କର ରହିବା,ଖାଇବା ସହିତ ସମସ୍ତ ବିଷୟରେ ପଚାରି ବୁଝିଥିଲେ। ପରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରବେଶନ ଅଧିକାରୀ ବବିତା ସାହୁ,କାଉନସେଲର ଦିଲ୍ଲୀପ କୁମାର ପଣ୍ଡା, ଡ.ବିନୋଦିନୀ ରଥ, ଭାଷ୍ୱତୀ ବାରିକ, ଆରଡିଏସିର ସମ୍ପାଦକ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନୁଦୁଡିହାରେ ସୁରଭି କାର୍ଯ୍ୟକ୍ରମ

କପ୍ତିପଦା,୨୮।୧୦(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍ ନୁଦୁଡିହା ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ନୁଦୁଡିହା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସ ଅଧ୍ୟକ୍ଷତା କରିଛନ୍ତି । ମୁଖ୍ୟଅତିଥି ଭାବେ ମେଘାସନ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟାପକ ଗଣନାଥ ମହାନ୍ତି, ସମ୍ମାନୀତ ଅତିଥି ଭାବେ ନୁଦୁଡିହା ସମିତି ସଭ୍ୟା ଆରତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆଗାମୀ ୨୯ ତାରିଖରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ । ଉକ୍ତ କାର୍ଯ୍ୟକ୍ରମରେ ୧୫ଗୋଟି ବିଦ୍ୟାଳୟରୁ ୨୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ବିନୋଦ ସିଂ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅତିରିକ୍ତ ଶିକ୍ଷାଧିକାରୀ ରାମଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସରପଞ୍ଚ କାହ୍ନୁଚରଣ ସରେନ୍ ପ୍ରମୁଖ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ଅରୁଣ କୁମାର ସାହୁ ମଞ୍ଚ ପରିଚାଳନା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

■ ପାୱାର ଏମ୍ପ୍ଲଇଜ ୟୁନିୟନର ସାଧାରଣ ବୈଠକ

## ମଜୁରି ପୁନଃ ନିର୍ଦ୍ଧାରଣ ନ ହେଲେ ଆନ୍ଦୋଳନ

ବାରିପଦା ଅଫିସ,୨୮।୧୦



ସଭାରେ ଉପସ୍ଥିତ ପାୱାର ଏମ୍ପ୍ଲଇଜ ୟୁନିୟନ କର୍ମକର୍ତ୍ତା ।

ମୟୂରଭଞ୍ଜ ଜିଲା ଖାରପୋଖରିଆସ୍ଥିତ ସ୍ୱସ୍ତି ଆବାସିକ କଲେଜ ପ୍ରାଙ୍ଗଣରେ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ଏବଂ ସଂଘର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ସିଲିକନ ଏଜେନ୍ସିର ସୁପରଭାଇଜର ସଞ୍ଜିତ କୁମାର ସେଠୀ ଏହି ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ କୁଳିଅଣା ବିଦ୍ୟୁତ ସବଡିଭିଜନ ଅନ୍ତର୍ଗତ ସଂଘର ସମସ୍ତ ସ୍ଥାୟୀ ଏବଂ ଠିକା କର୍ମଚାରୀ ଉପସ୍ଥିତ ହୋଇ ବିଭିନ୍ନ ସମସ୍ୟାଗୁଡ଼ିକୁ ଉପସ୍ଥାପନ କରିବା ସହ ଏହାର ତୁରନ୍ତ ସମାଧାନ କରିବା ପାଇଁ ଦାବି କରିଥିଲେ।

ମୁଖ୍ୟତଃ ବର୍ତ୍ତମାନ ସମୟରେ ଉକ୍ତ ସବଷ୍ଟେଶନ ଅନ୍ତର୍ଗତ ୩ଟି ସେକ୍ସନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଘୋର ଅଭାବ ପରିଲକ୍ଷିତ ହେଉଥିବାରୁ କାର୍ଯ୍ୟକ୍ଷେତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି ବୋଲି କହିଥିଲେ। ଷ୍ଟ୍ରକଚରରେ କାର୍ଯ୍ୟରତ ଠିକା କର୍ମଚାରୀ ଠିକ ସମୟରେ ଦରମା ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉ ନ ଥିବାରୁ ଅଶାନ୍ତିର ବାତାବରଣ ସୃଷ୍ଟି ହେବା ସହିତ ମିଟର ରିଡରମାନଙ୍କର ମଜୁରି ପୁନଃ ନିର୍ଦ୍ଧାରଣ କରିବା ପାଇଁ ଦାବି କରିଥିଲେ। ନେସ୍କୋ କର୍ତ୍ତୃପକ୍ଷ ସମସ୍ୟାଗୁଡିକର ତୁରନ୍ତ ସମାଧାନ ନ କଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ସହିତ ସମସ୍ତ କାର୍ଯ୍ୟକୁ ଅଚଳ କରାଯିବ ବୋଲି ସଭାପତି କହିଛନ୍ତି।

# ବୁଢ଼ାବଳଙ୍ଗରେ ହୋଇପାରୁନି ଆଡିବନ୍ଧ

■ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲା ମଧୁବନ ଡେଭଲପମେଣ୍ଟ କମିଟି

■ ୫ ବର୍ଷ ପରେ ବି ଆଗେଇ ପାରୁନି କାମ

■ ରାଜନୈତିକ, ପ୍ରଶାସନିକ ଅବହେଳାକୁ ଦାୟୀ କଲେ ପ୍ରତିନିଧି

ବାରିପଦା ଅଫିସ,୨୮।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରବିବାର ନବୀନ ନିବାସରେ ବାରିପଦା ମଧୁବନ ଡେଭଲପମେଣ୍ଟ କମିଟି ଓ ସିନିୟର ସିଟିଜେନ ଫୋରମର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି । ୨୦୧୩ ମସିହାରେ ଫାଇଲିନ ହୋଇଥିବା ବେଳେ ବାରିପଦା ସହରରେ ବୁଢ଼ାବଳଙ୍ଗ ପାଣି ପଶି ଆସି ବହୁ ଧନଜୀବନ ହାନି ହୋଇଥିଲା। ସେତିକି ବେଳେ ସ୍ଥାନୀୟ ଲୋକେ ଏହି ନଦୀ ବନ୍ଧରେ ଆଡିବନ୍ଧ ନିର୍ମାଣ କରିବାକ ପାଇଁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଆଡିବନ୍ଧ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ। ୧୧୭ ତମ ଟେକନିକାଲ ଆଡଭାଇଜରି କମିଟି(ଟିଏସି) ବୈଠକ ବସି ଏନେଇ ମଧ୍ୟ ଆଲୋଚନା ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୬୨ କୋଟି ୩୪ ଲକ୍ଷ ଟଙ୍କା ଅନୁମୋଦନ କରାଯିବା ଲାଗି କମିଟି ସୁପାରିସ କରିଥିଲା। କୁଚେଇ ଘାଟଠାରୁ ଦାମୋଦର ଘାଟ ପର୍ଯ୍ୟନ୍ତ ୩ ପର୍ଯ୍ୟାୟରେ ଏହା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ପ୍ରଶାସନିକ ଓ ରାଜନୈତିକ ଉଦାସୀନତା ଯୋଗୁ ଏହା ଆଗକୁ ବଢ଼ି ପାରି ନ ଥିଲା। ସେହିପରି ୩୫ ବର୍ଷ ପୁରୁଣା ଆୟୁର୍ବେଦିକ କଲେଜ ଓ ୩୫ ବର୍ଷ ପୁରୁଣା ହୋମିଓପାଥି କଲେଜ ଆଜିବି ଅବହେଳିତ ଅବସ୍ଥାରେ ରହିଛି। ଅର୍ବାନ ବ୍ୟାଙ୍କ ଓ ନିକୋ କେବୁଲ କାର୍ଯ୍ୟକ୍ଷମ କରିବା ଆଦି ଦାବି ମଧ୍ୟ ସେମାନେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକ୍ରମ କେଶରୀ ଜେନା, ରଘୁନାଥ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଡ. ବିଜୟ ଅଗ୍ରୱାଲା, ଆଦିତ୍ୟ କୁମାର ପଣ୍ଡା, ଭାଗବତ ପଣ୍ଡା, କୃଷ୍ଣ ଦାସ, ଚନ୍ଦ୍ରଶେଖର ମହାନ୍ତି, ବସନ୍ତ କୁମାର ଦାସ, ଦେବେନ୍ଦ୍ରନାଥ ପଣ୍ଡା, ମୟୂରଭଞ୍ଜ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଡ.ଅରୁଣ ସାହୁ, ବାରିପଦା ବିଧାୟକ ତଥା ଓଡିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି ପ୍ରମୁଖଙ୍କ ସମେତ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ।



ରାଜ୍ୟସଭା ଏମପି ସରୋଜିନୀ ହେମ୍ବ୍ରମ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବିଶୋଇ,୨୮।୧୦ : ବିଶୋଇ ବ୍ଲକ ଅନ୍ତର୍ଗତ ବଡ଼ବାଲିଟୁଆ ଗ୍ରାମରେ ପ୍ରଗତି ଯୁବକ ସଂଘ ଆନୁକୂଲ୍ୟରେ ଏକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଗତ ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମୁଦାୟ ୩୨ ଟି ଫୁଟବଲ ଟିମ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ 'ତବାତବା ଗଲି ମାର ଦିଆ' ଓ ଏମ.କେ.ସି ରିୟଲ ଫାଇଟର ମଧ୍ୟରେ ହୋଇଥିଲା ଏଥିରେ ତବା ତବା ଗଲି ମାର ଦିଆ ଟିମ ପ୍ରଥମ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନ ଦିବସରେ ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ । ସେହିପରି ସମ୍ମାନୀୟ ଅତିଥି ଭାବରେ ବାଉତିବେଡା ସମିତି ସଭ୍ୟ କ୍ଷୀରୋଦ କୁମାର ନନ୍ଦ ଓ ଅନ୍ୟ ଅତିଥି ଭାବରେ ଫାଗୁରାମ ମାର୍ଣ୍ଡି,ବାଉତିବେଡ଼ା ସରପଞ୍ଚ ପ୍ରତିନିଧି କାଳୀଚରଣ ନାଏକ, ପୁଦାନ କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

## ସଂକ୍ଷେପରେ

### ହୁଡିରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ଆନନ୍ଦପୁର,୨୮।୧୦(ସ୍ୱ.ପ୍ର.): ଘସିପୁରା ଥାନା ରାଧିକାଦେଇପୁର ପଞ୍ଚାୟତ ମହାବିରାପଶି ଗ୍ରାମର ଜଣେ ବୃଦ୍ଧାଙ୍କ ମୃତଦେହ ସ୍ଥାନୀୟ ହୁଡିରୁ ଉଦ୍ଧାର କରାଯାଇଛି। ଗ୍ରାମର ମାଦ ମୁର୍ମୁ (୬୦) ଶୁକ୍ରବାର ଦିନଠାରୁ ଘରୁ କୌଣସି କାର୍ଯ୍ୟରେ ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଶନିବାର ସନ୍ଧ୍ୟାରେ ବାଲିଜୋଡି ସାହିର ଆହାରା ହୁଡିରେ ବୃଦ୍ଧା ଜଣଙ୍କ ବେକରେ ନିଜ ପିନ୍ଧା ଲୁଗା ଲଗାଇ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ଘଟଣା ସମ୍ପର୍କରେ ଖବର ପାଇ ଘସିପୁରା ଥାନାକୁ ସୂଚନା ଦେଇଥିଲେ। ଘସିପୁରା ପୋଲିସ ରବିବାର ପହଞ୍ଚି ମୃତଦେହକୁ ଜବତ କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ସ୍ଥାନାନ୍ତର କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

### ନିଖୋଜ ନାବାଳକଙ୍କ ପତ୍ତା ମିଳୁନି

ଝୁମ୍ପୁରା, ୨୮।୧୦(ଡି.ଏନ.ଏ.): ଝୁମ୍ପୁରା ଥାନା ଅର୍ଶଳା ଅଞ୍ଚଳର ଜଣେ ନାବାଳକ ନିଖୋଜ ଅଛନ୍ତି। ତାଙ୍କର ପତ୍ତା ମିଳୁନି। ଏ ନେଇ ନାବାଳକଙ୍କ ବାପା ଝୁମ୍ପୁରା ଥାନାରେ ଅଭିଯୋଗ କରିଛନ୍ତି। ପରିବାର ବର୍ଗଙ୍କ ସୂଚନା ଅନୁଯାୟୀ ନିଖୋଜ ନାବାଳକ ଜଣଙ୍କ ମାନସିକ ଅନଗ୍ରସର। ଗତ ୧୬ଠାରୁ କେଉଁଆଡ଼େ ସେ ନିଖୋଜ ହୋଇଯାଇଛନ୍ତି। ଖୋଜା ଖୋଜି ପରେ ନାବାଳକଙ୍କ ପତ୍ତା ମିଳୁନି। ସେ ଜଣେ ଆଦିବାସୀ ନାବାଳକ। ଏ ନେଇ ନାବାଳକଙ୍କୁ ଖୋଜିବାର ଯଥା ସମ୍ଭବ ପ୍ରୟାସ କରାଯାଉଛି ବୋଲି ଝୁମ୍ପୁରା ଥାନାଧିକାରୀ କରିଛନ୍ତି।

### ପୁରସ୍କୃତ ହେଲେ କୃତୀ ଛାତ୍ରୀଛାତ୍ର



କୋଲିମାଟି,୨୮।୧୦- ଆନନ୍ଦପୁର ଯୁବ ଜ୍ୟୋତି ହାଇସ୍କୁଲରେ ମନସ୍ମିତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭାରେ ପ୍ରଥମେ ମନସ୍ମିତାଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସଭାପତି ସ୍ମିତିରଞ୍ଜନ ରାଉତଙ୍କ ଦ୍ୱାରା କୃତୀ ଛାତ୍ର ଛାତ୍ରୀ ସୌମ ରଞ୍ଜନ ରାଉତ, ବିଘ୍ନେଶ କୁମାର ବଳ, ଅନ୍ନପୂର୍ଣ୍ଣା ବାରିକ, ଚିତରଞ୍ଜନ ଦାସ, ମମାଲି ପରିଡା, ଲିଜା ଜେନା, ଭାଗ୍ୟଶ୍ରୀ ଜେନା, ଜ୍ୟୋର୍ତିମୟୀ ବେହେରା, ଶୁଭସ୍ମିତା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଦର୍ଶନ ମହାରଣା ଶିକ୍ଷକ ବାବୁଲି କୁମାର ମିଶ୍ର, ଅନନ୍ତ ପ୍ରସାଦ ପାଢ଼ି, ସଞ୍ଜୟ କୁମାର, ଶିକ୍ଷୟିତ୍ରୀ ସୁମିତା ସିଂହ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଝୁରୁଛି ଗାଁ, କାନ୍ଦୁଛି ମା'

ଆନନ୍ଦପୁର, ୨୮।୧୦(ସ୍ୱ.ପ୍ର.)



ଶହୀଦ ବ୍ରଜମୋହନଙ୍କ ଫାଇଲ୍ ଫଟୋ।

**ନଦୁଆଁ ସ୍ତବ୍ଧ**
- ବ୍ରଜ ମୋହନ ଅମର ରହେ
- ଗାଁରେ ଶୋକାକୁଳ ପରିବେଶ
- ୨ ମାସ ପରେ ଅବସର ନେଇଥାନ୍ତେ



ବ୍ରଜମୋହନଙ୍କ ପୁଅ ଦେବାଶିଷ, ଝିଅ କ୍ରିଷ୍ଣା।

ଦୀର୍ଘ ୨୦ ବର୍ଷ ହେଲା ଦେଶବାସୀଙ୍କ ଜୀବନ ରକ୍ଷା କରି ଆସୁଥିଲେ। ଭାବିଥିଲେ ୨ ମାସ ପରେ ଚାକିରି ଜୀବନରୁ ଅବସର ନେବା ପରେ ବାକି ଜୀବନ ପରିବାର ଲୋକଙ୍କ ସହ କଟାଇଥାନ୍ତେ। ସେ ଦେଖିଥିବା ସ୍ୱପ୍ନ ଅଧାରେ ରହିଗଲା। ମାତ୍ର ଦେଶ ଲାଗି ଦେଇ ଯାଇଥିବା ତାଙ୍କର ତ୍ୟାଗ ଚିରଦିନ ପାଇଁ ମନେ ରହିବ। ଏପରିସ୍ଥଳେ ସିଆରପିଏଫରେ ଯୋଗଦେଇ ଦେଶ ପାଇଁ ଜୀବନ ଦେଇଥିବା ଶହୀଦଙ୍କ ଗାଁ ଆଜି ସ୍ତବ୍ଧ ହୋଇଯାଇଛି। କେନ୍ଦୁଝର ଜିଲା ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ନଦୁଆଁ ଗାଁରେ ଜନ୍ମ ହୋଇଥିବା ବୀର ଶହୀଦ ଯବାନ ବ୍ରଜମୋହନ ବେହେରାଙ୍କୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଗତ ଶନିବାର ଛତିଶଗଡଠାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ସିଆରପିଏଫ ଯବାନ୍ ବ୍ରଜମୋହନ ଶହୀଦ ହୋଇଥିଲେ। ସେ ହେଉଛନ୍ତି ନଦୁଆଁ ଗ୍ରାମର ସ୍ୱର୍ଗତ ଅର୍ଜ୍ଜୁନ ବେହେରାଙ୍କ ପୁଅ ବ୍ରଜମୋହନ। ତାଙ୍କ ପାଇଁ ଝୁରୁଛି ନଦୁଆଁ ଗାଁ। ଆଉ କାନ୍ଦୁଛି ମା'। ଆନନ୍ଦପୁର ସର୍ବୋପରି କେନ୍ଦୁଝର ଜିଲାରେ ସୃଷ୍ଟି ହୋଇଛି ଶୋକାକୂଳ ପରିବେଶ। ବ୍ରଜମୋହନ ହେଉଛନ୍ତି ପରିବାରର ତିନି ପୁଅ ମଧ୍ୟରେ ମଝିଆ ପୁଅ। ଘରେ ତାଙ୍କ ବୃଦ୍ଧା ମା' ଆଖିରେ ଶୁଖୁନି ଲୁହ। ପୁଅର ଏଭଳି ଖବର ଶୁଣି ବାରମ୍ବାର ଚେତାଶୂନ୍ୟ ହୋଇପଡୁଛନ୍ତି ମା'। ବ୍ରଜମୋହନଙ୍କ ସ୍ତ୍ରୀ ସହ ତାଙ୍କର ୨ ସନ୍ତାନ ଭୁବନେଶ୍ୱରସ୍ଥିତ ବାସଭବନରେ ରହୁଛନ୍ତି। ବ୍ରଜମୋହନଙ୍କର ୧୧ ବର୍ଷର ପୁଅ ଦେବାଶିଷ ବେହେରା ୫ ଶ୍ରେଣୀରେ ପାଠ ପଢୁଥିବା ବେଳେ ୧୫ ବର୍ଷର ଝିଅ କ୍ରିଷ୍ଣା ବେହେରା ୯ ଶ୍ରେଣୀରେ ପଢୁଛନ୍ତି। ଚଳିତ ବର୍ଷ ଗଣେଶ ପୂଜାରେ ଶେଷ ଥର ପାଇଁ ବ୍ରଜମୋହନ ନିଜ ଗ୍ରାମକୁ ଆସିଥିଲେ। ସେ ୧୩।୦୨।୧୯୭୫ରେ ଜନ୍ମ ଗ୍ରହଣ କରିଥିବା ବେଳେ ୦୧।୦୩।୧୯୯୬ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ତାଙ୍କର ମର ଶରୀରର ଭୁବନେଶ୍ୱର ପରେ ନିଜ ଗାଁକୁ ନିଆଯାଇଥିଲା।

# 'ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ'

ଆନନ୍ଦପୁର, ୨୮।୧୦(ସ୍ୱ.ପ୍ର.)

ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଆନନ୍ଦପୁର ବ୍ଲକ ଓ ପୌରପରିଷଦ ବିଜୁ ଯୁବ ବାହିନୀର ମିଳିତ ସଂଯୋଜନାରେ ବ୍ଲକ ପରିସରରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭାର ବିକାଶ ପାଇଁ ବିଜୁ ଯୁବ ବାହିନୀ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀବଦ୍ରି ନାରାୟଣ ପାତ୍ର କହିଛନ୍ତି। ବ୍ଲକ ସଂଯୋଜକ ହିମାଂଶୁ କୁମାର ରାମ ଏବଂ ପୌରପରିଷଦ ସଂଯୋଜକ ଆଇନଜୀବୀ ଭାଗିରଥି ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆନନ୍ଦପୁର ଥାନା ପରିସରରୁ 'ମୁଁ ହିରୋ ରଥ' ଆଦିବାସୀ ନୃତ୍ୟର ତାଳେତାଳେ ଆନନ୍ଦପୁର ବ୍ଲକ



ବିଜୁ ଯୁବ ବାହିନୀର ସଚେତନତା ରାଲି।

ପରିସରକୁ ଅଣାଯାଇଥିଲା। ଅଗ୍ରଣୀ ନୃତ୍ୟାନୁଷ୍ଠାନ ବିଣାପାଣି କଳାନିକେତନର ନୃତ୍ୟଶିଳ୍ପୀମାନେ ସଚେତନତା ଅଭିମୁଖ୍ୟ ନେଇ ନୃତ୍ୟ ପରିବେଶଣ କରିଥିଲେ।

ଆନନ୍ଦପୁର ବ୍ଲକ ବିଡିଓ ଉମାକାନ୍ତ ପରିଡାଙ୍କ ସଭାପତିତ୍ୱରେ ମନ୍ତ୍ରୀ ପାତ୍ରଙ୍କ ସହ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ବିଧାୟକ ମାୟାଧର ଜେନା, ଜିଲା ବିଜେଡି ମହିଳାମୋର୍ଚ୍ଚା ସଭାନେତ୍ରୀ ଆରତୀ ସିଂହ, ଓସ୍କା କ୍ଲଷ୍ଟର ଡି ସଂଯୋଜକ ଦୁର୍ଗା ପ୍ରସାଦ ମାନସିଂ, ବ୍ଲକ ଅଧକ୍ଷା ମମତା ନାଇକ ପ୍ରମୁଖ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଁ ହିରୋ ପ୍ରତିଭାର ଅଧିକାରୀ ଭାବେ କ୍ରୀଡା ପାଇଁ ସୋନାଲି ପରିଡା, ଜିତେନ୍ଦ୍ର ପରିଡା ଏବଂ ଶିକ୍ଷାକୁ ପ୍ରୋତ୍ସାହନ ଦେବା ନିମନ୍ତେ ଅଲିଭା ଦୀପ ଶିକ୍ଷାନୁଷ୍ଠାନର ମୁଖ୍ୟ ସୌରଜିତ୍ ନାୟକଙ୍କୁ, ଶବ ସଂସ୍କାର ପାଇଁ ତୋଫାନ ସାହୁ, ସତ୍ୟନାରାୟଣ ସାହୁ, ସୌମ୍ୟରଞ୍ଜନ ନାୟକ, ସୁଜିତ ମୁଦୁଲି, ସରୋଜ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକର ୧୮ ଗୋଟି ବିଜୁ ଯୁବ ବାହିନୀ ଏବଂ ପୌରପରିଷଦର ୭ ଗୋଟି କ୍ଲଷ୍ଟରର ସଦସ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ପ୍ରେମାନନ୍ଦ ସେନାପତି, ଆନନ୍ଦପୁର ବିଜେଡି ନଗରମଣ୍ଡଳ ସଭାପତି ରମାକାନ୍ତ ବେହେରା, ୪ ନଂ ୱାର୍ଡ଼ ପୂର୍ବତନ କାଉନସିଲର ମମତାରାଣି ଜେନା, ୭ ନଂ ୱାର୍ଡ଼ କାଉନସିଲର ସରସ୍ୱତୀ ଯେନା, ବିଜେଡି ଯୁବ ନେତା ବିମଳ ଯେନା, ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ସାମଲ, ପୂର୍ବତନ ବ୍ଲକ ବିଜେଡି ସଭାପତି ରାମଚନ୍ଦ୍ର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ମାନିତ ହେଲେ ସୌରଜିତ

କୋଲିମାଟି, ୨୮।୧୦

ଆନନ୍ଦପୁର ବ୍ଲକରେ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଲିମାଟି ଗ୍ରାମର ସୌରଜିତ ନାଏକଙ୍କୁ 'ମୁଁହିରୋ ମୁଁ ଓଡ଼ିଶା' ସମ୍ମାନରେ ସମ୍ମାନିତ କରିଛନ୍ତି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର। ଏଥିରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ମାୟାଧର ଜେନା, ଆନନ୍ଦପୁର ବ୍ଲକ ବିଡିଓ ଉମାକାନ୍ତ ପରିଡା, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷ ମମତା ନାଏକ, ଓସ୍କାର ଅଧ୍ୟକ୍ଷ ଦୁର୍ଗାପ୍ରସାଦ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସୌରଜିତଙ୍କ ଦ୍ୱାରା ପରିଚାଳିତ ହେଉଥିବା ମାଗଣା ଶିକ୍ଷା କେନ୍ଦ୍ର ୭୦ ଜଣରୁ ଉର୍ଦ୍ଧ୍ୱ ଅଧ୍ୟୟନ ଛାତ୍ରୀଛାତ୍ରଙ୍କୁ ଅଲିଭା ଦ୍ୱୀପ ଯୁବ ଶିକ୍ଷା କେନ୍ଦ୍ରରେ ମାଗଣା ପାଠ ପଢ଼ାଇବା ସହ ଛାତ୍ରୀଛାତ୍ରଙ୍କ ସୁଖ ଦୁଃଖରେ ସେ ସାହାଯ୍ୟର ହାତ ବଢ଼ାଇଥାନ୍ତି। ସୌରଜିତଙ୍କ କଠିନ ପରିଶ୍ରମ ଦ୍ୱାରା ଅନେକ ଛାତ୍ରୀଛାତ୍ର କୃତିତ୍ୱ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ଆଦର୍ଶ ବିଦ୍ୟାଳୟରେ ମାନସ କୁମାର ନାଏକ, ସୌମ୍ୟରଞ୍ଜନ ମଢେଇ ଅଧ୍ୟୟନ କରୁଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ସୌରଜିତଙ୍କୁ ବହୁ ପ୍ରଶଂସା ମିଳିଛି।

# ହାତୀ ଉପଦ୍ରବ: ମିଳୁନି କ୍ଷତିପୂରଣ

ଚମ୍ପୁଆ,୨୮।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ବଢି ଚାଲିଥିବା ହାତୀ ଉପଦ୍ରବ। ଚାଷୀମାନେ ଏକ ପ୍ରକାର ଚାଷ ହରାଇ ବସୁଛନ୍ତି। ସରକାରଙ୍କ ପକ୍ଷରୁ ହାତୀ କ୍ଷୟକ୍ଷତି ଜନିତ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ମାତ୍ର କ୍ଷୟକ୍ଷତି ଅନୁଯାୟୀ ପ୍ରଦାନ ହେଉଥିବା ସହାୟତା ଯଥେଷ୍ଟ ହେଉ ନ ଥିବା ବେଳେ ସହାୟତା ପାଇଁ ଆବେଦନ କରି ଚାଷୀଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି । ଏପରିକି ଶସ୍ୟ ଅମଳର ଗୋଟିଏ ଋତୁ ପରେ ମଧ୍ୟ ଚାଷୀମାନେ ସହାୟତା ରାଶି ପାଇ ପାରୁ ନଥିବା ସୂଚନା ଦେଇଛନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସରକାରଙ୍କ ପକ୍ଷରୁ ହାତୀ ପଲ ଦ୍ୱାରା କ୍ଷୟକ୍ଷତି ହେଉଥିବା ଧାନ ଚାଷ, ପରିବା ଚାଷ, ତୈଳବୀଜ ଓ ଆଖୁ ଇତ୍ୟାଦି ଫସଲ ପାଇଁ ବ୍ୟବସ୍ଥା ରହିଛି । ଯେଉଁ ବ୍ୟକ୍ତି ମାନଙ୍କର ଚାଷ ନଷ୍ଟ ହେଉଛି ସେମାନେ ଚାଷ ଜମିର ଫଟୋ, ପଟ୍ଟା ଓ ଦରଖାସ୍ତ ବନ ବିଭାଗ କାର୍ଯ୍ୟାଳୟରେ ଜମା କରିବା ପରେ ତାଙ୍କୁ ଆକାଉଣ୍ଟ ମାଧ୍ୟମରେ ସହାୟତା ରାଶି ପୈଠ କରାଯାଉଛି । ଧାନ ଓ ପନିପରିବା କ୍ଷେତ୍ରରେ ଏକର ପିଛା ୧୦



କ୍ଷତିପୂରଣ ପାଇ ନ ଥିବା ଚାଷୀ ଅଭିଯୋଗ କରୁଛନ୍ତି।

ହଜାର ଟଙ୍କା ଓ ତୈଳବୀଜ କ୍ଷେତ୍ରରେ ଏକର ପିଛା ୧୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନର ନିୟମ ରହିଛି।

ଚମ୍ପୁଆ ରେଞ୍ଜରେ ସୁନାପଶି, ଜାମୁଦଲକ, କୋଦଗାଡିଆ, ରଜିଆ, କାଳିକାପ୍ରସାଦ ଓ ଚମ୍ପୁଆ ଏନଏସିରେ ଚଳିତ ବର୍ଷ ବହୁ ଚାଷ ହାତୀ ଦ୍ୱାରା ନଷ୍ଟ ହୋଇଛି । ଏହି ଚାଷ ସହାୟତା ରାଶି ପାଇଁ ଚାଷୀମାନେ ଆଜକୁ ୫ ମାସରୁ ୬ ମାସ ତଳେ ଦରଖାସ୍ତ କରିଥିଲେ ମଧ୍ୟ ଅର୍ଥ ପାଇ ପାରି ନାହାନ୍ତି। ଫଳ ସ୍ୱରୂପ ଅନେକ ସମୟରେ ଚାଷୀମାନେ ବିମୁଖତା ପ୍ରକାଶ କରି ହାତୀ ଦ୍ୱାରା ଫସଲ ନଷ୍ଟ ହେଉଥିଲେ ମଧ୍ୟ ଦରଖାସ୍ତ କରିବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଦେଖିବାକୁ ମିଳୁଛି । କେତେକ ଚାଷୀ ଦରଖାସ୍ତ କଲେ ଟଙ୍କା ମିଳୁ ନ ଥିବାରୁ ସେମାନେ ଦରଖାସ୍ତ କରୁ ନାହାନ୍ତି ବୋଲି କହିଛନ୍ତି। ଅନ୍ୟ କ୍ଷେତ୍ରରେ ଛୋଟମୋଟ ଚାଷ କରୁଥିବା ଚାଷୀମାନେ କମ ଜମିରେ ଚାଷ କରୁଥିବା ବେଳେ ଚାଷ ତୁଳନାରେ ଉଚିତ ସହାୟତା ରାଶି ପାଉ ନଥିବା ସୂଚନା ଦେଇଛନ୍ତି। ଚାଷୀ ପୁଷ୍ପଲତା ମହାନ୍ତ, ଯାତ୍ରୀ ମହାନ୍ତ, ଅଞ୍ଜନ ମହାନ୍ତ, ମହେନ୍ଦ୍ର ମହାନ୍ତ ପ୍ରମୁଖ ଚାଷୀ ଗତ ୫ ମାସ ତଳୁ ସହାୟତା ରାଶି ପାଇ ନଥିବା ଜଣା ପଡିଛି । ଚମ୍ପୁଆ ଫରେଷ୍ଟର ରଞ୍ଜିତ ଜେନାଙ୍କୁ ଯୋଗାଯୋଗ କରିବାରୁ ଚାଷୀମାନେ ଦରଖାସ୍ତ କରିବାର ବିଳମ୍ବ କରୁଛନ୍ତି ସତ ହେଲେ ଆମ୍ଭେ ଦରଖାସ୍ତ ଗୁଡିକୁ ତୁରନ୍ତ ଜିଲା କାର୍ଯ୍ୟାଳୟକୁ ପଠାଇ ଦେଇଛୁ । ଜିଲା କାର୍ଯ୍ୟାଳୟରୁ ଅର୍ଥ ପ୍ରଦାନ କରାଗଲେ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ପୋଲିସକୁ ଚ୍ୟାଲେଞ୍ଜ ଦେଇ ବୋଲେରୋ ଚୋରି

ଯୋଡା, ୨୮।୧୦(ଡି.ଏନ.ଏ.)

ଯୋଡା ସହରର ସାଇ ମନ୍ଦିର ଛକ ନିକଟରେ ପୋଲିସର କଡା ପହରା ସତ୍ତ୍ୱେ ଏକ ବୋଲେରୋ ଚୋରି ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ଭୋର ସମୟରେ କୁଶ ଆପଟଙ୍କ ଅଫିସ ସମୁଖରେ ଥିବା ବୋଲେରୋ ନଂ ଓଆର୦୨ ଏଡବ୍ଲ୍ୟୁ ୦୨୧୧କୁ ଚୋରମାନେ ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ଯୋଡା ଥାନାଧିକାରୀ ମନୋଜ କୁମାର ରାଉତଙ୍କୁ ପଚାରିବାରୁ ଭୋର ସମୟରେ ବ୍ୟାରିକେଟ ଲଗାଇ ପୋଲିସ କଳାପାହାଡ ଛକଠାରେ ଯାଞ୍ଚ କରୁଥିଲା। ସେହି ସମୟରେ ଉକ୍ତ ଘଟଣା ଘଟିବା ଏକ ଦୁର୍ଭାଗ୍ୟଜନକ ବିଷୟ। ଝାଡଖଣ୍ଡର କେତେକ ଅପରାଧୀ ଯୋଡା ଅଞ୍ଚଳରେ ରହି ଏପରି କାର୍ଯ୍ୟ କରୁଥିବା ପୋଲିସର ଗୋଇନ୍ଦା ସୂତ୍ରରୁ ସୂଚନା ମିଳିଛି। ଖୁବ ଶୀଘ୍ର ଏହାର ତଦନ୍ତ କରାଯାଇ ଧରପଗଡ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

ବାଇକ, ହେଲେମେଟ୍ ଯାଞ୍ଚରେ ପୋଲିସ ବ୍ୟସ୍ତ ରହୁଛି। ଏପଟେ ପୋଲିସ ଆଖିରେ ଧୂଳି ଦେଇ ଚୋରମାନେ ବୋଲେରୋ ଚୋରି କରିବା ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଛି। ଫଳରେ ପୋଲିସର କାର୍ଯ୍ୟକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି। ଯୋଡା ସହରରେ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଚାଲିଥିବା ବେଳେ ବହୁ ଲୋକଙ୍କ ଭିଡ ଜମୁଛି। ଏପରି ଘଟଣା ଘଟିବା ପରେ ଯାନବାହାନର ସୁରକ୍ଷା ନେଇ ଲୋକେ ଚିନ୍ତାରେ ପଡିଯାଇଛନ୍ତି।

# ଜଙ୍ଗଲ ସୁରକ୍ଷା ନେଇ ବୈଠକ



ବନ ସୁରକ୍ଷା ସମିତି ବୈଠକରେ ଉପସ୍ଥିତ ସଭ୍ୟମାନେ।

ଆନନ୍ଦପୁର,୨୮।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ବାଉଁଶଗଡରେ କାଠକଟା ବନପାଳଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ମଙ୍ଗଳାଶାଳଠାରେ ବନ ସୁରକ୍ଷା ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ଫରେଷ୍ଟର ଅନନ୍ତ ଚରଣ ପରିଡା, ଫରେଷ୍ଟଗାର୍ଡ ଅମରେନ୍ଦ୍ର ନାଥ, ଅଜୟ କୁମାର ସେଠୀ, ଲକ୍ଷ୍ମୀଧର କିସ୍କୁ, ସନ୍ତୋଷ କୁମାର ସା ପ୍ରମୁଖ ଉପସ୍ଥିତ ଥିଲେ। ବାଉଁଶଗଡ ଗ୍ରାମର ନରହରି ସୁର, ରାମଚନ୍ଦ୍ର ସୁର, ସୁଦର୍ଶନ ନାଇକ, ରୁଷିଆ ନାଇକ, ଈଶ୍ୱର ନାଇକ, ଶୁକ ଦାସ, ରମାକାନ୍ତ ସୁର, ନାରାୟଣ ନାଇକ, ଅନାଥ ନାଇକ, ପ୍ରଶାନ୍ତ ନାୟକ, ରାଇଆ ଭିତିରିଆ, ରାଜନ ନାଇକ, ନାରୀ ସୁରକ୍ଷା ସମିତିର ସଭ୍ୟା ସୁବାଶିନୀ ମହାପାତ୍ର, କପିଳ ନାଇକ ପ୍ରମୁଖ ଶତାଧିକ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ଜଙ୍ଗଲର ସୁରକ୍ଷା ଦେବା ନିମନ୍ତେ ସମସ୍ତେ ସହ ଯୋଗ କରିବା ଏକାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା

ଆନନ୍ଦପୁର, ୨୮।୧୦(ସ୍ୱ.ପ୍ର.)

ଘସିପୁରା ବ୍ଲକ ରାଧିକାଦେଇପୁର ପଞ୍ଚାୟତ ଚମ୍ପାପାଳ ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀମାନେ କେନ୍ଦ୍ରକୁ ତାଲା ପକାଇଦେଇଥିଲେ। ଏ ନେଇ ଗ୍ରାମବାସୀଙ୍କ ତରଫରୁ ରସ୍ମିତା ପାତ୍ର, ଝରଣା ଦାସ, ଅନୁରାଧା ପାତ୍ର, ସୁମିତ୍ରା ମହାରଣା, ସରୋଜିନୀ ମହାରଣା, ସୁକୁରି ପେଣ୍ଡେଇ, ଅନ୍ନପୂର୍ଣ୍ଣା ଜେନା, ପାକନ ମହାରଣା ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଚମ୍ପାପାଳ ଅଙ୍ଗନୱାଡି କେନ୍ଦ୍ରରେ ୩୦ରୁ ଉର୍ଦ୍ଧ୍ୱ ପିଲା ନାମ ପଞ୍ଜିକୃତ କରିଛନ୍ତି। ଏହା ସହିତ ଏହି କେନ୍ଦ୍ର ଉପରେ ପ୍ରସୂତି ଓ ଗର୍ଭବତୀ ମହିଳା ବି ନିର୍ଭର କରୁଛନ୍ତି। ସେଠାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଲୋକମାନଙ୍କୁ ନିୟମିତ ଠକୁଥିବା ଅଭିଯୋଗ ହୋଇଛି। ଏପରିକି ଜନନୀ ସୁରକ୍ଷା ଯୋଜନାରେ ନାମ ପଞ୍ଜୀକୃତ କରାଇବା ନିମନ୍ତେ ପ୍ରତ୍ୟକଙ୍କ ଠାରୁ ଲାଞ୍ଚ ନିଆଯାଉଥିବା, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ୧୨ ଗୋଟି ଅଣ୍ଡା ଦେବା ବଦଳରେ ୭ ଗୋଟି ଦେବା, ଜିକେଏସ ଖର୍ଚ୍ଚର ହିସାବ ଦିଆ ନ ଯିବା, ନିୟମିତ ରୋଷେଇ ହେଉ ନ ଥିବା, ସକାଳ ଜଳଖିଆ ନିୟମିତ ଦିଆଯାଉ ନ ଥିବା, ପିଲାମାନଙ୍କୁ ଠିକ୍ ଭାବେ ପାଠ ନ ପଢାଇବା, ନିଜର ଗ୍ରାମର ୱାର୍ଡ ମେମ୍ବରଙ୍କୁ ଅଣଦେଖା କରି ଅନ୍ୟ ଗ୍ରାମର ୱାର୍ଡ ମେମ୍ବରଙ୍କ ସହିତ ଯାଇ ବ୍ୟାଙ୍କରୁ ଟଙ୍କା ଉଠାଣ କରିବା ଆଦି ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ପୂର୍ବରୁ ୨୦୧୩-୧୪ ମସିହାରେ ହୋଇଥିବା ଅଭିଯୋଗକୁ ନେଇ ତତ୍କାଳୀନ ଘସିପୁରା ସିଡିପିଓଙ୍କ ଉପସ୍ଥିତରେ ସମ୍ପୃକ୍ତ କେନ୍ଦ୍ର ଅଙ୍ଗନୱାଡ଼ି କର୍ମୀଙ୍କୁ ଚେତାବନୀ ଦିଆଯିବା ସତ୍ତ୍ୱେ କର୍ମୀଙ୍କ ପୂର୍ବଭଳି କାର୍ଯ୍ୟଧାରାକୁ ନେଇ ଗ୍ରାମରେ ଅସନ୍ତୋଷ ଲାଗିରହିଛି। ଫଳରେ ଗ୍ରାମବାସୀମାନେ ଗତ ୬ ତାରିଖଠାରୁ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ରଖଛନ୍ତି। ଘଟଣା ଦିଗରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଘସିପୁରା ବ୍ଲକ ସିଡିପିଓ ଦାୟିତ୍ୱରେ ଥିବା ଆନନ୍ଦପୁର ବ୍ଲକ ସିଡିପିଓ ଆଲାଦୀ ମାରାଣ୍ଡି ସୂଚନା ଦେଇଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ଆର୍ଏସିସି ବିଜୟୀ



ଉଦ୍‌ଘାଟନୀ ମ୍ୟାଚରେ ଉପସ୍ଥିତ ଖେଳାଳି।

ବଡ଼ବିଲ, ୨୮।୧୦(ସ୍ୱ.ପ୍ର.)

ବଡ଼ବିଲ ଗାନ୍ଧୀ ଷ୍ଟାଡିୟମରେ ରବିବାର ପ୍ରଥମ ଥର ପାଇଁ ବ୍ରଦରହୁଡ କ୍ରିକେଟ କ୍ଲବ(ବିସିସି) ଦ୍ୱାରା ଆୟୋଜିତ ବଡ଼ବିଲ ପ୍ରିମିୟର ଲିଗ (ବିପିଏଲ) କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଅଞ୍ଚଳର ମୋଟ ୮ଟି ଭାଗ ନେଇଛନ୍ତି। ପ୍ରଦର୍ଶନୀ ମ୍ୟାଚ୍ ସ୍ଥାନୀୟ ପ୍ରଶାସନ ସହ ବଡବିଲ ନାଗରିକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଦେଖିବାକୁ ପ୍ରବଳ ଭିଡ଼ ଲାଗି ରହିଥିଲା। ବଡବିଲ ନାଗରିକ ଟିମ୍ ଟସ ଜିଣି ନିର୍ଦ୍ଧାରିତ ଓଭରରେ ୫୩ ରନ ସଂଗ୍ରହ କରି ୮ ୱିକେଟ ହରାଇ ଥିଲା। ଏହାର ଜବାବ୍‌ରେ ପ୍ରଶାସନ ଟିମ୍ ନିର୍ଦ୍ଧାରିତ ଓଭରରେ ମାତ୍ର ୨ଟି ୱିକେଟ ହରାଇ ୫୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚ୍‌ରେ ପ୍ରଶାସନ ଟିମର ଖେଳାଳି ତଥା ବଡବିଲ ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ ଚମତ୍କାର ବୋଲିଂ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଅପରାହ୍ନରେ କ୍ରିକେଟ ଲିଗ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ଆରଏସିସି(ରୁସାଦ୍ ଅଫଜା କ୍ରିକେଟ କ୍ଲବ) ଓ କେଏସ୍(କଳିଙ୍ଗ ସିକ୍ସଲର୍) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ଆରଏସିସି ବ୍ୟାଟିଂ ନେଇ ନିର୍ଦ୍ଧାରିତ ଓଭରରେ ୭ ୱିକେଟ ହରାଇ ୧୧୧ ରନ୍ ସଂଗ୍ରହ କରିଥିଲା। ୧୧୨ ରନ ଟାର୍ଗେଟ ନେଇ କଳିଙ୍ଗ ସିକ୍ସଲରମାତ୍ର ୧୩ ଓଭର ୫ ବଲରେ ସମସ୍ତ ୱିକେଟ ହରାଇ ମାତ୍ର ୮୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଆରଏସିସି ବିଜୟୀ ଆଖ୍ୟା ପାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ସେଖ୍ ସର୍ଫୁ ବିବେଚିତ ହୋଇଥିବା ଜଣାପଡିଛି। ପ୍ରଦୀପ ପାତ୍ର ଓ ରସିଦ ଆନସାରୀ ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ।

# ଶୋଷଣର ଶିକାର ସାଧାରଣ ଯାତ୍ରୀ

ଯୋଡ଼ା, ୨୮।୧୦(ଡି.ଏନ.ଏ.)

**ପୂଜାପାର୍ବଣ ଆଳ**
- ଅସ୍ୱାଭାବିକ ଭଡ଼ା ବୃଦ୍ଧି
- ପ୍ରତିବାଦ କଲେ ମିଳୁଛି ଧମକ
- ହନ୍ତସନ୍ତ ହେଉଛନ୍ତି ଲୋକେ

କେନ୍ଦୁଝର ଜିଲା ଯୋଡ଼ା ସହରରେ ପୂଜାପାର୍ବଣ ଆଳରେ ବିଭିନ୍ନ ଗାଡିରେ ଯାଉଥିବା ଯାତ୍ରୀଙ୍କଠାରୁ ୨ ଗୁଣା ଅଧିକ ଭଡ଼ା ନିଆଯାଉଥିବା ଅଭିଯୋଗ ହେଉଛି। ଯୋଡ଼ା ବସ୍‌ଷ୍ଟାଣ୍ଡରୁ ବାଂଶପାଣି, ଜୁରୁଡି, ବାମେବାରୀ ଯାଉଥିବା ଯାତ୍ରୀଙ୍କଠାରୁ କମାଣ୍ଡର, ଅଟୋ ଭଡ଼ା ଅଧିକ ନିଆଯାଉଛି। ଭଡା ବେଆଇନ ଭାବେ ଆଦାୟ କରାଯାଉଛି। ପାର୍ବଣ ଋତୁର ଆରମ୍ଭରୁ କମାଣ୍ଡର ଓ ଅଟୋଗୁଡିକ ନିଜର ଭଡା ବୃଦ୍ଧି କରିଛନ୍ତି। ପୂର୍ବରୁ ଲାଗୁଥିବା ଭଡା ଦେଇ ଯାଉଥିବା ଯାତ୍ରୀଙ୍କଠାରୁ ଜୋରଜବରଦସ୍ତ ଅଧିକ ଟଙ୍କା ଆଦାୟ କରାଯାଉଛି। ନ ଦେଲେ ଅଧାରାସ୍ତାରେ ଯାତ୍ରୀଙ୍କୁ ଓହ୍ଲାଇ ଦେବାର ଧମକ ଦିଆଯାଉଥିବା ଜୁରୁଡି ଅଞ୍ଚଳର ମଙ୍ଗଳ ମୁଣ୍ଡା, ଗୁରୁଚରଣ ପାତ୍ର, ସୁରେଶ ଓରାମ ପ୍ରମୁଖ ଅଭିଯୋଗ କରିଛନ୍ତି।

ଆବଶକୀୟଠାରୁ ଅଧିକ ଯାତ୍ରୀ କମାଣ୍ଡର ଓ ଅଟୋ ଗୁଡିକର ଛାତ, କେବିନ ଓ ପଛପାଖରେ ଝୁଲିକରି ଯାଉଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ପୂଜାପାର୍ବଣ ଯୋଗୁ ବହୁ ଯାତ୍ରୀ ବସ୍‌କୁ ଅପେକ୍ଷା ନ କରି ଅଟୋ, କମାଣ୍ଡର ଓ ବିଭିନ୍ନ ଟ୍ୟାକ୍ସି ଉପରେ ନିର୍ଭର କରୁଛନ୍ତି। ଫଳରେ ଗାଡି ଗୁଡିକ ତାହାର ଫାଇଦା ଉଠାଉଛନ୍ତି। ବେଆଇନ ଭଡାବୃଦ୍ଧି ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପୋଲିସ ମଧ୍ୟ ଧରପଗଡ଼ ଗ୍ରହଣ କରୁନାହିଁ। ଗାଡିର ମାଲିକମାନେ ମନଇଛା ଭଡାବୃଦ୍ଧି କରି ଯାତ୍ରୀମାନଙ୍କୁ ଲୁଟୁଛନ୍ତି ବୋଲି ଜୁରୁଡି ଅଞ୍ଚଳର ଯାତ୍ରୀ ଶାବିତ୍ରୀ ପାତ୍ର, ତ୍ରିଲୋଚନ ସାହୁ, ବିପିନ ପାତ୍ର, ସନ୍ଦୀପ ଜେନା, ବାପୁନ୍ ସାହୁ, ହରିହର ନାଏକ ପ୍ରମୁଖ ଅଭିଯୋଗ କରିଛନ୍ତି। ଯୋଡାରୁ ଜୁରୁଡି ୧୦ ଟଙ୍କା ଦିଆଯାଉଥିଲା। ମାତ୍ର କିଛି ଦିନ ହେବ କମାଣ୍ଡର ଓ ଅଟୋ ଚାଳକ ଗୁଡିକ ୨୦ ଟଙ୍କା ନେଉଛନ୍ତି। ଗରିବ ଶ୍ରେଣୀର ଲୋକେ ଯାତାୟାତ କରିବା କଷ୍ଟକର ହୋଇପଡିଛି। ସେମାନେ ଅସୁବିଧାର ସମୁଖୀନ ହେବା ସହ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଆବଶ୍ୟକ ବସ୍ ନ ଥିବାରୁ ଯାତ୍ରୀମାନେ ଅନ୍ୟ ଯାତ୍ରୀବାହୀ ଗାଡି ଉପରେ ନିର୍ଭର କରୁଛନ୍ତି। ସନ୍ଧ୍ୟା ପରେ ଯୋଡାରୁ ବାମେବାରୀ, ଜୁରୁଡି, କାଳିମାଟି ଓ ବାଂଶପାଣି କୌଣସି ବସ ନ ଥିବାରୁ ଯାତ୍ରୀମାନେ ଟ୍ରକ୍ ଓ ଡରରେ ଯାଉଥିବା ଦେଖିବାକୁ ମିଳୁଛି। ଏହାର ସୁଯୋଗ ନେଇ ଭଡା ଦ୍ୱିଗୁଣିତ ହୋଇଛି। ଏ ସମ୍ପର୍କରେ ଯୋଡା କମାଣ୍ଡର ଓନର ଆସୋସିଏଶନ୍‌ର ସଭାପତି ଜନ୍ମେଜୟ ନାଏକଙ୍କୁ ପଚାରିବାରୁ କମାଣ୍ଡର ଭଡା ବୃଦ୍ଧି ନେଇ ଜାଣି ନାହିଁ। କୌଣସି କମାଣ୍ଡର ଯଦି ଅଧିକ ନିର୍ଦ୍ଧାରିତ ଭଡାଠାରୁ ଅଧିକ ନେଉଛନ୍ତି ତାଙ୍କ ବିରୋଧରେ ଆସୋସିଏଶନ୍ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଯୋଡାରେ ହେବାକୁ ଥିବା ଅଟୋମାଲିକ ସଂଘର କର୍ମକର୍ତ୍ତା ବିଷ୍ଣୁ କୁମାର ଦତଙ୍କୁପଚାରିବାରୁ ଭଡା ବୃଦ୍ଧି ନେଇ କୌଣସି ନୀତି ନିର୍ଦ୍ଧାରଣ କରାଯାଇନାହିଁ। ଅଧିକ ଭଡା ନେବା ଆଇନ୍ ଅନୁଯାୟୀ ଏକ ଅପରାଧ। ଏ ନେଇ କୌଣସି ଯାତ୍ରୀ ଅଭିଯୋଗ କଲେ ସମ୍ପୃକ୍ତ ଅଟୋ ମାଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର ବୋଲି ସେ କହିଛନ୍ତି।

